## ୱାର୍ଡସଭ୍ୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ

ମୋରଡ଼ା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ମୋରଡ଼ା ପଞ୍ଚାୟତରେ ଖାଲିଥିବା ୩ ୱାର୍ଡସଭ୍ୟ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ ହୋଇଛି। ନିର୍ବାଚନ ହେବାକୁ ଥିବା ଉକ୍ତ ୩ ୱାର୍ଡ ହେଲା ୯ ,୧୦ ଏବଂ ୧୨। ୯ ନଂ. ୱାର୍ଡରେ ୪ ଜଣ ଓ ୧୦ନଂ.ରେ ୨ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୧୨ନଂ. ୱାର୍ଡରେ କୁମୁଦିନୀ ମହାକୁଡ଼ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି।

# ଜିଲା ଗଠନ ଦାବିରେ ରାଇରଙ୍ଗପୁର ବନ୍ଦ

ରାଇରଙ୍ଗପୁର/ବିଶୋଇ,୧୦।୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବିରେ ସୋମବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ପାଳନ ଯୋଗୁ ରାଇରଙ୍ଗପୁରଠାରେ ହେବାକୁ ଥିବା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ବାତିଲ ହୋଇଯାଇଛି। ରାଇରଙ୍ଗପୁରଠାରେ ଥିବା ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ ଅଫିସ, ବ୍ୟାଙ୍କ, ପୋଷ୍ଟ ଅଫିସ, ଶିକ୍ଷାନୁଷ୍ଠାନ, ଟ୍ରେନ୍, ବସ୍ ଚଳାଚଳ ସହ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ୧୯ ଓ ୨୨୦ନଂ. ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସ୍ଥାନୀୟ ବିଧାୟକ ନବ ଚରଣ ମାଝି, ଓକିଲ ସଂଘ, ବଣିକ ସଂଘ, ବିଭିନ୍ନ ଯୁବ ସଂଗଠନ, ବସ୍, ଟ୍ରକ୍ ଏବଂ ଟେମ୍ପୋ ମାଲିକ ସଂଘର ସଦସ୍ୟମାନେ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ। ରାଇରଙ୍ଗପୁର ସବ୍ ଡିଭିଜନ ଅନ୍ତର୍ଗତ ୭ଟି ବ୍ଲକରେ ଏହି ବନ୍ଦ ପାଳନ କରାଯାଇଥିଲା। ନୂତନ ଜିଲା ଗଠନ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

ସେହିପରି ବିଶୋଇ ବ୍ଲକରେ ମଧ୍ୟ ୧୨ ଘଣ୍ଟିଆ ବନ୍ଦ ପାଳନ ସଫଳ ହୋଇଛି। ବ୍ଲକ ଅଧ୍ୟକ୍ଷା ତୁଳସୀ ସିଙ୍କୁ ହାଁସଦାଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ରାଜନୈତିକ ଦଳ, ବଣିକ ସଂଘ, ଡ୍ରାଇଭର ମହାସଂଘର ସହଯୋଗରେ ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ବିଶୋଇ ଅଞ୍ଚଳରେ ପିକେଟିଂ କରିବା ସହିତ ଦେଓପଟା ଓ ନୂଆଗାଁଛକଠାରେ ୪୯ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ବରିଷ୍ଠ ଆଇନଜୀବୀ ସଞ୍ଜୀବ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଚୈତନ୍ୟ ହାଁସଦା, ବିଜେଡି ଜିଲା ସାଧାରଣ ସମ୍ପାଦକ ବୁଦ୍ଧିମାନ ମଣ୍ଡଳ, ଫାଗୁରାମ ମାରାଣ୍ଡି, ସୁବାସ ପାତ୍ର, ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି, ସୁଶାନ୍ତ ମହାନ୍ତି, ଭର୍ତ୍ତୃହରି ଗିରିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ ଜନସାଧାରଣ ବନ୍ଦ ପାଳନରେ ସାମିଲ ହୋଇଥିଲେ।



ବିଶୋଇଠାରେ ବନ୍ଦ ପାଳନରେ ସାମିଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

## ସଂକ୍ଷେପରେ

### ୩୬ ଡିଗ୍ରୀ ଟପିଲା କେନ୍ଦୁଝର ତାପମାତ୍ରା

କେନ୍ଦୁଝର,୧୦।୪(ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ସୋମବାର ତାପମାତ୍ରା ୩୬ ଡିଗ୍ରୀ ଟପିଛି। ସକାଳେ ୧୧ ଟାରେ ତାପମାତ୍ରା ୩୫.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ୨.୩୦ ରେ ଏହା ବୃଦ୍ଧି ପାଇ ୩୬.୮ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ପହଞ୍ଚିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଖରା ଯୋଗୁ ଲୋକମାନେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ପୌରପାଳିକା ପକ୍ଷରୁ ବିଭିନ୍ନ ସ୍ଥାନରେ ବସାଯାଇଥିବା ଜଳଛତ୍ର ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ଅନେକ ସ୍ଥାନରେ ପରିତ୍ୟକ୍ତ ଅବସ୍ଥାରେ ରହିଛି। କେଉଁଠି ପାଣି ନାହିଁ ତ କେଉଁଠି ବୋହିଯାଉଛି ବୋଲି ଆଇନଜୀବୀ ଦୈତାରୀ ଆପଟ କହିଛନ୍ତି।

### ଚାମର ମିଳନରେ ସରିଲା ପାଲା ସମ୍ମିଳନୀ

ବାସୁଦେବପୁର, ୧୦।୪ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲୁଙ୍ଗା ପଞ୍ଚାୟତ କ୍ଷେମେଶ୍ୱର ମହାଦେବଙ୍କ ପୀଠରେ ଚାଲିଥିବା ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ୭ମ ବାର୍ଷିକ ପାଲା ସମ୍ମିଳନୀ ସହ ଦୁଇଦିନିଆ ଲୋକକଳା ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଛି। ଆକର୍ଷଣୀୟ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ ଲୁଙ୍ଗା ଗ୍ରାମର ରାଧାକୃଷ୍ଣ ଲଉଡ଼ି ଦଳ। ଏଥିସହ ସହ ବାଦ୍ୟ ଓ ସଙ୍ଗୀତ ଓଗାଳର ତାଳେ ତାଳେ ଗୋପାଳ ବାଳକମାନେ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସଭାପତି ସନାତନ ପୁରୀଙ୍କ ସଭାପତିତ୍ୱରେ ଅତିଥି ଭାବେ କବି ରତ୍ନାକର ପଣ୍ଡା, ପାଲାଗାୟକ ତଥା ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗାୟକ ନରେନ୍ଦ୍ର ମଲିକ, ମଣ୍ଡଳର ବରିଷ୍ଠ ଉପଦେଷ୍ଟା ଗାୟକ ନୀଳକଣ୍ଠ ପାତ୍ର, ସଭାପତି ପୁରୀ ପ୍ରମୁଖ ସାଥୀମାନଙ୍କୁ ନେଇ ପାଲା ପରିବେଷଣ କରିଥିଲେ। ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ବାରିକ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ କପିଳନାଥ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଚାମର ମିଳନରେ ପାଲା ସମ୍ମଳନୀ ଉଦ୍‌ଯାପିତ ହୋଇଥିଲା।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ସୋର, ୧୦।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ସୋମବାର ଅପରାହ୍ନରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ସୋରରୁ ଜାମୁଝାଡି ଅଭିମୁଖେ ଜଣେ ଯୁବକ ବାଇକରେ ଯାଉଥିବା ବେଳେ ପଛରୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ଗାଡିଟି ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ସୋର ପୋଲିସ ଓ ଜାତୀୟ ରାଜପଥ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବର ପାଇ ସୋର ପୋଲିସ ପହଞ୍ଚି ଜାତୀୟ ରାଜପଥ ଆମ୍ବୁଲାନ୍ସରେ ଯୁବକଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ଥାନାକୁ ଆଣିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ମୃତଦେହକୁ ମେଡିକାଲ ବ୍ୟବଚ୍ଛେଦ ଗୃହରେ ରଖିଥିବା ଜଣାଯାଇଛି ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com

@ସୁକାନ୍ତ

@ଦେବାଶିଷ
ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

**ମା' ତାରିଣୀଙ୍କ ଚଇତିପର୍ବ**

# ସମ୍ବଲପୁରୀ, ଘୋଡ଼ାନାଚ ମନ ମୋହିଲା


ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ନୃତ୍ୟଶିଳ୍ପୀ।

ଘଟଗାଁ,୧୦।୪(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ଚଇତି ପର୍ବର ଦ୍ୱିତୀୟ ଦିବସରେ ଗ୍ରୀଷ୍ମର ପ୍ରକୋପ ସତ୍ତ୍ୱେ ପୀଠ ଚଳଚଞ୍ଚଳ ଥିଲା। ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୋଡ଼ା ନାଚ ଓ ସମ୍ବଲପୁରୀ ନୃତ୍ୟ ଲୋକଙ୍କ ମନ ମୋହିଥିଲା। ପ୍ରାତଃ ସମୟରେ ମା'ଙ୍କ ଷୋଡ଼ଶ ଉପଚାର ସହ ବଡ଼ସିଂହାର ପୂଜା, ମା'ଙ୍କ ସୁନାବେଶ ଓ ମଙ୍ଗଳଆଳତୀ ପରେ ପହଡ଼ ଖୋଲିଥିଲା। ଲମ୍ବାଧାଡ଼ିରେ ହଜାର ସଂଖ୍ୟାରେ ଭକ୍ତ ମା'ଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ମନ୍ଦିର ବେଢ଼ା ଭିତରେ ଭାଗବତ ପାରାୟଣ ପାଠ, ଚଣ୍ଡୀପାଠ, ହୋମଯଜ୍ଞ, ଗୀତା ପାଠ, ଦେବୀସ୍ତୁତି ପାଠ ଚାଲିଥିଲା। ଚଇତିପର୍ବ, ସମ୍ବଲପୁରୀ ନୃତ୍ୟୁ ଓ କଣ୍ଠଶିଳ୍ପୀ ମାନସୀ ପାତ୍ରଙ୍କ ଭଜନ ଭକ୍ତଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ପୁରସ୍କୃତ ପ୍ରାପ୍ତ ପ୍ରଧାନଶିକ୍ଷକ ରୋହିତ ବେହେରା ଓ ମନ୍ଦିର ବରିଷ୍ଠ କର୍ମଚାରୀ ଅକ୍ଷୟ ବେହେରା ପରିଚାଳନା କରିଥିବା ବେଳେ ଦେବୋତ୍ତର ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ବିଜେତାଙ୍କୁ ପୁରସ୍କୃତ କରାଇଥିଲେ।

# 'ଯୌତୁକ ପାଇଁ ମୋ ଝିଅକୁ ମାରିଦେଲେ'

**ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍**

ଭଦ୍ରକ ଅଫିସ, ୧୦।୪

ଭଦ୍ରକ ବ୍ଲକ ସାବରଙ୍ଗ ଥାନା ଅଧୀନ ଗୋରାମାଟି ଗ୍ରାମରେ ବଧୂହତ୍ୟା ନେଇ ସୋମବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଯୌତୁକ ପାଇଁ ତାଙ୍କ ଝିଅକୁ ଶାଶୁଘର ଲୋକେ ମାରି ଦେଇଥିବା ଅଭିଯୋଗ କରିଛନ୍ତି ତିହିଡ଼ି ଥାନା ଜିଞ୍ଜାରପୁର ଗ୍ରାମର ଗୀତାରାଣୀ ମଳିକ। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୧୮ରେ ଗୋରାମାଟି ଗ୍ରାମର ଜଣେ ଯୁବକଙ୍କ ସହ ତାଙ୍କ ଝିଅ ବିଶ୍ୱବିଜୟିନୀଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା। ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ତାଙ୍କ ଝିଅକୁ ନିର୍ଯାତନା ଦେଇଆସୁଥିଲେ। ଚଳିତମାସ ୫ ତାରିଖରେ ଜ୍ୱାଇଁ ଫୋନ କଲ୍ କରି ବିଶ୍ୱବିଜୟିନୀ ମରି ଯାଇଥିବା ଜଣାଇଥିଲେ। ଶାଶୁ, ନଣନ୍ଦ ଓ ସ୍ୱାମୀ ମିଶି ତାଙ୍କ ଝିଅକୁ ମାରିଦେଇଥିବା ନେଇ ୬ ତାରିଖରେ ସାବରଙ୍ଗ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କିଛି ବୁଝୁନାହିଁ। ଏସ୍‌ପିଙ୍କ ଅନୁପସ୍ଥିତିରେ ଡିଏସ୍‌ପି ସୁନୀଲକାନ୍ତ ମହାନ୍ତିଙ୍କୁ ଅଭିଯୋଗ ଜଣାଇବା ପରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ହାତୀ ଦ୍ୱାରା କ୍ଷତିଗ୍ରସ୍ତ ଜମି ପରିଦର୍ଶନ କଲେ ଭାଜପା ପ୍ରତିନିଧି


ନଷ୍ଟ ହୋଇଥିବା ଚାଷ ଜମି ବୁଲି ଦେଖୁଛନ୍ତି ଭାଜପା ପ୍ରତିନିଧି ଦଳ।

ରାଇବଣିଆ, ୧୦।୪

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଞ୍ଚଳରେ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଜମିକୁ ଜଳେଶ୍ୱର ଭାଜପାର ଏକ ପ୍ରତିନିଧି ଦଳ ସୋମବାର ବୁଲି ଦେଖିବା ସହ ଚାଷୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଗତ ୭ ତାରିଖରେ ଜଳେଶ୍ୱର ବ୍ଲକ ଶ୍ୟାମନଗର ପଞ୍ଚାୟତ ଓ ଖୁଆଡ଼ ପଞ୍ଚାୟତରେ ଝାଡ଼ଖଣ୍ଡର ୨୫ଟିକିଆ ହାତୀପଲ ୧୦୦ରୁ ଊର୍ଦ୍ଧ୍ୱ ଏକର ପାଚିଲା ଧାନ ଜମି ଦଳି ନଷ୍ଟ କରିଥିଲେ। ଜଳେଶ୍ୱର ଭାଜପାର ପ୍ରତିନିଧି ଦଳ ଖୁଆଡ଼ ଏବଂ ଶ୍ୟାମନଗର ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷ ଜମି ବୁଲିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଥିଲେ। ତହସିଲଦାର, ଆର୍‌ଆଇ, ରେଞ୍ଜର, ଏଓ ସହିତ ଚାଷୀମାନେ କିପରି ଶୀଘ୍ର କ୍ଷତିପୂରଣ ପାଇପାରିବେ ସେନେଇ ଫୋନ୍‌ରେ ଆଲୋଚନା କରିଥିଲେ। ଜଳେଶ୍ୱର ଭାଜପାର ନଗର ଏମ୍‌ପିଙ୍କ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ସମୀର ପାତ୍ର, ସଂଗ୍ରାମ ଜେନା, ଦୂଲା ମୁର୍ମୁ ପ୍ରମୁଖ ଆସି ଚାଷୀ ଦୁର୍ଗା ଶଙ୍କର ମାରାଣ୍ଡି, ମେଘନାଥ ମହାନ୍ତ, ହରିଶ ଚନ୍ଦ୍ର ସାସମଲ, ଦୁଲା ମୁର୍ମୁ ଓ ଆଲୋକ ପ୍ରଧାନଙ୍କୁ ଭେଟି ଆଲୋଚନା କରିଥିଲେ।

# ୭ଦିନ ମଧ୍ୟରେ ସ୍ଥାୟୀ ପ୍ରତିକାର ଲାଗି ପ୍ରତିଶ୍ରୁତି

**ଭେଣ୍ଡିଂଜୋନ ସମସ୍ୟା**

ନୀଳଗିରି, ୧୦।୪(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ରାଢ଼ାର ରାସ୍ତାରେ ହୋଇଥିବା ଭେଣ୍ଡିଂଜୋନରେ ବିକ୍ରିବଟାରେ ସମସ୍ୟା ନେଇ ବ୍ୟବସାୟୀମାନେ ଏନ୍‌ଏସି ଅଫିସ ଆଗରେ ଧାରଣା ଲାଗି ଚେତାବନୀ ଦେଇଥିଲେ। ସୋମବାର ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ନୀଳଗିରି ଉପଜିଲାପାଳ ମନ୍ଦରଧର ମାହାଲିକ ଓ ସମସ୍ତ ଦୋକାନୀଙ୍କ ସହ ଶାନ୍ତିପୂର୍ଣ୍ଣ ଆଲୋଚନା ହୋଇଛି। ଆସନ୍ତା ୭ଦିନ ମଧ୍ୟରେ ସମସ୍ୟାର ପ୍ରତିକାର ଲାଗି ଆଶ୍ୱାସନା ମିଳିବା ପରେ ବ୍ୟବସାୟୀମାନେ ଆଶ୍ୱସ୍ତ ହୋଇଛନ୍ତି। ନୀଳଗିରି ସହରର ଗୁଣ୍ଡିଚା ମନ୍ଦିରପାର୍ଶ୍ୱରେ ବହୁବର୍ଷ ଧରି ଦୈନିକ ହାଟ ଚାଲିଆସୁଥିଲା। ପରେ କୌଣସି ଦୋକାନୀ ବଡ଼ଦାଣ୍ଡ ରାସ୍ତାରେ ବେପାର କରିପାରିବେ ନାହିଁ ବୋଲି ଏନ୍‌ଏସି ପକ୍ଷରୁ କଡ଼ାକଡ଼ି ନିର୍ଦ୍ଦେଶ ଜାରି କରାଯାଇଥିବା ବେଳେ ଗୁଣ୍ଡିଚା ବଜାରକୁ ସିଲ୍ କରି ରାଢ଼ାର ରାସ୍ତାରେ ଏକ ନୂତନ ଭେଣ୍ଡିଂ ଜୋନ୍ କରି ସେଠାରେ ଉକ୍ତ ଦୋକାନୀମାନଙ୍କୁ ଥଇଥାନ କରାଯାଇଥିଲା। ସେଠାରେ ବେପାର ମାନ୍ଦା ହେବା ନେଇ କେତେକ ଦୋକାନୀ ପୁନଃ ଗୁଣ୍ଡିଚା ମନ୍ଦିର ନିକଟ ସମେତ ରାସ୍ତାକଡ଼ରେ ବେପାର ଆରମ୍ଭ କଲେ। ଫଳରେ ଗ୍ରାହକମାନେ ଭେଣ୍ଡିଂ ଜୋନ୍‌କୁ ନ ଯାଇ ରାସ୍ତାକଡ଼ ଦୋକାନୀଙ୍କଠାରୁ କିଣାବିକା ଆରମ୍ଭ କରିଥିଲେ। ଫଳରେ ଏହି ଭେଣ୍ଡିଂଜୋନ୍‌ରେ ଥିବା ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।



ଭେଣ୍ଡିଂ ଜୋନ୍ ବ୍ୟବସାୟୀଙ୍କ ସହ ଆଲୋଚନା ଚାଲିଛି।

# ଓଲଟିଲା ଅଙ୍ଗୁର ବୋଝେଇ ଟ୍ରକ୍

କେନ୍ଦୁଝର,୧୦।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ଥାନା ୪୯ ନଂ. ଜାତୀୟ ରାଜପଥ ହନୁମାନ ବାଟିକା ନିକଟରେ ଏକ ଅଙ୍ଗୁର ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଅଙ୍ଗୁର ଚାରି ଆଡ଼େ ବିଛାଡି ହୋଇ ପଡ଼ିଥିବା ବେଳେ ସୌଭାଗ୍ୟ ବଶତଃ ଡ୍ରାଇଭର ମହମ୍ମଦ ମଣ୍ଟୁ ଶେଖ ବର୍ତ୍ତି ଯାଇଥିଲେ। ଟ୍ରକ୍ ରବିବାର ରାତିରେ ମହାରାଷ୍ଟ୍ରର ନାସିକରୁ କେନ୍ଦୁଝର ଦେଇ ପଶ୍ଚିମବଙ୍ଗ ଯାଉଥିଲା। ଭାରସାମ୍ୟ ହରାଇ ଡିଭାଇଡର ଉପରେ ଚଢ଼ି ଯିବାରୁ ଓଲଟି ପଡ଼ିଥିଲା। ପୋଲିସ ଓ ଏନ୍‌ଏଚ୍‌ଏଆଇ ଟୋଲଗେଟ୍ କର୍ମଚାରୀ ରାସ୍ତାରୁ ଟ୍ରକ୍ ସାଇଡ କରିବା ପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ନିଆଁ ଲାଗି କେତେକ ଅଙ୍ଗୁର ଥିବା ଟ୍ରେ ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି। ବହୁ ପରିମାଣରେ ଅଙ୍ଗୁର ନଷ୍ଟ ହୋଇଛି।


ରାସ୍ତାରେ ପଡ଼ିଥିବା ଅଙ୍ଗୁର।

# ଅଧଘଣ୍ଟା ଫସି ରହିଲା ଆମ୍ବୁଲାନ୍ସ

**ମାଇନିଂ ରୋଡ୍**

**ଖୁବ୍ ଶୀଘ୍ର ଜବରଦଖଲଉଚ୍ଛେଦ ହେବ: ପୌର ନିର୍ବାହୀ ଅଧିକାରୀ**

କେନ୍ଦୁଝର,୧୦।୪ (ସ୍ୱ.ପ୍ର.)

କେନ୍ଦୁଝର ସହର ମାଇନିଂ ରୋଡ୍‌ରେ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ ଟାରେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇଥିଲା। ଘଣ୍ଟାଧିକ ସମୟ ରାସ୍ତା ଜାମ ରହିଥିବା ବେଳେ ଏକ ଆମ୍ବୁଲାନ୍ସ ରାସ୍ତା ଜାମ୍‌ରେ ଅଧଘଣ୍ଟା ଧରି ଫସି ରହିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ରାସ୍ତା ସ୍ୱାଭାବିକ ହେବା ପରେ ଆମ୍ବୁଲାନ୍ସ ମେଡିକାଲକୁ ଯାଇଥିଲା। ପାଟଣା ଅଞ୍ଚଳରୁ ଜଣେ ଗୁରୁତର ରୋଗୀଙ୍କୁ ନେଇ ଉକ୍ତ ଆମ୍ବୁଲାନ୍ସଟି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିଲା।

ପ୍ରକାଶ ଯେ, ଉକ୍ତ ରାସ୍ତାକୁ ଲାଗି ବିନା ପାର୍କିଂ ସୁବିଧାରେ ବହୁ ସଂଖ୍ୟାରେ ବ୍ୟବସାୟିକ କୋଠା ନିର୍ମାଣ ହୋଇଛି। ଫଳରେ ଉକ୍ତ ବଜାରକୁ ଆସୁଥିବା ଗ୍ରାହକମାନେ ରାସ୍ତା ଉପରେ ୨ ଚକିଆ ଏବଂ ୪ ଚକିଆ ଗାଡ଼ି ରଖୁଛନ୍ତି। ଅନେକ ସଂଖ୍ୟାରେ ଗାଡ଼ି ରାସ୍ତାରେ ରହୁଥିବାରୁ ରାସ୍ତା ସଙ୍କୁଚିତ ହୋଇ ଦୈନନ୍ଦିନ ଯାତାୟାତରେ ସମସ୍ୟା ଦେଖାଦେଉଛି। ବିଶେଷ କରି ରାସ୍ତା ଦେଇ ସ୍କୁଲ ଛାତ୍ରୀଛାତ୍ର, ପାଟଣା ଓ ସାହାରପଡ଼ା ଡାକ୍ତରଖାନାରୁ ବହୁ ସଂଖ୍ୟାରେ ରୋଗୀ ଦୈନିକ ଆମ୍ବୁଲାନ୍ସରେ ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି। ଏ ଅଞ୍ଚଳଟି ଏକ ଆବାସିକ ଜୋନ୍ ହୋଇଥିବା ସତ୍ତ୍ୱେ ପୌରପାଳିକା ପକ୍ଷରୁ ବ୍ୟବସାୟିକ କୋଠା ଘରକୁ ଅନୁମତି ଦିଆଯାଇଛି। ଅଭିଯୋଗ ପରେ ନିକଟରେ ଏକ ବ୍ୟବସାୟିକ ସଂସ୍ଥାକୁ ନୋଟିସ କରାଯାଇଛି। ମାତ୍ର ପୂର୍ବରୁ ଏଭଳି ଅନ୍ୟମାନଙ୍କୁ କେବଳ ନୋଟିସ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସମସ୍ୟା ଜଟିଳ ହେଉଛି। ଏନେଇ କେନ୍ଦୁଝରଗଡ଼ ପୌରପାଳିକା ପ୍ଲାନିଂ ଦାୟିତ୍ୱରେ ଥିବା ଅଧିକାରୀ ରଶ୍ମିରଞ୍ଜନ କହିଛନ୍ତି, ଏହି ସବୁ ପ୍ଲାନ ପୂର୍ବରୁ ହୋଇଛି। ଏଣୁ ଏଭଳି ପରିସ୍ଥିତି ଉପୁଜିଛି। ଏ ନେଇ ଏକ ବ୍ୟବସାୟିକ ସଂସ୍ଥାଙ୍କୁ ନୋଟିସ୍ କରାଯାଇଛି। ନୋଟିସର ଉତ୍ତର ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୌରପାଳିକା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଧିମନ ଚକମା (ଆଇଏଏସ) ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ।


ଟ୍ରାଫିକ୍ ଜାମରେ ଆମ୍ବୁଲାନ୍ସ ଫସି ରହିଛି।

## ସାମାଜିକ କର୍ମୀଙ୍କ ବିୟୋଗରେ ସ୍ମୃତିସଭା

ରୂପସା, ୧୦।୪(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ପରିଷଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ଯତୀନ୍ଦ୍ରନାଥ ଗିରିଙ୍କ ବିୟୋଗରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମଣ୍ଡପଠାରେ ଆୟୋଜିତ ସଭାରେ ଚକ୍ରଧର ଆଚାର୍ଯ୍ୟ ଶ୍ଳୋକପାଠ କରିଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଥିଲେ। ବିଶିଷ୍ଟ ବ୍ୟକ୍ତି ସୁଧାକର ଗିରି, ସୀତାଂଶୁ ବ୍ରହ୍ମଚାରୀ, ମନୋରଞ୍ଜନ ପ୍ରଧାନ, ଅମୂଲ୍ୟ କୁମାର ବେହେରା, ଗୋପାଳ ଚନ୍ଦ୍ର ସାହୁ, ଅମିତ କୁମାର ବେହେରା, ଗୌରାଙ୍ଗ ପଣ୍ଡା ଓ ରାମଚନ୍ଦ୍ର ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସେ ରୂପସାସ୍ଥିତ ନୀଳମଣି କଲେଜରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରିଆସୁଥିଲେ। ତାଙ୍କୁ ଓଡ଼ିଶା ସ୍ୱାଭିମାନ ପରିଷଦ ତରଫରୁ ୨୦୨୨ରେ ସମାଜସେବା ଗୌରବ ସମ୍ମାନ ଦିଆଯାଇଥିଲା।

# ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା ଓ ଅନ୍ୟମାନେ।

ଧାମନଗର, ୧୦।୪ (ଡି.ଏନ.ଏ)

ଭଦ୍ରକ ଜିଲା ଧାମନଗର ଏନ୍‌ଏସିରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆର୍ଥିକ ଅନୁଦାନରେ ଏଠାରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଲାଗି ଅନୁମୋଦନ ମିଳିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି ପରେ ଏନ୍‌ଏସି ପକ୍ଷରୁ ତରବରିଆ ଭାବେ ଧାମନଗର ତହସିଲ କାର୍ଯ୍ୟାଳୟର ପୁରୁଣା କୋଠାକୁ ଅଧିଗ୍ରହଣ କରାଯାଇଥିଲା। ସେହି କୋଠାରେ କେବଳ ଚୂନ ଲେପି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ଅଣଦେଖା କରାଯାଇଥିବା ସ୍ଥାନୀୟ

**ବିଧାୟକଙ୍କୁ ଅଣଦେଖା ନେଇ ଭାଜପା କର୍ମୀଙ୍କ ଅଭିଯୋଗ**

ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି। ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଆସିବା ପୂର୍ବରୁ ତରବରିଆ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକାର୍ପଣ କରିଦିଆଯାଇଥିଲା। ଏଣୁ ବିଧାୟକ ଅଧା ରାସ୍ତାରୁ ଫେରିଯାଇଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷେ ବିଧାୟକଙ୍କ ଆସିବା ବିଳମ୍ବ ହେବା ଆଶଙ୍କା କରି ଆଉ ଅପେକ୍ଷା ନ କରି ବାଧ୍ୟହୋଇ ଉଦ୍‌ଘାଟନ କରିଦିଆଗଲା ବୋଲି ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା କହିଛନ୍ତି। ଭଦ୍ରକ ସିଡିଏମ୍‌ଓ ସନ୍ତୋଷ ପାତ୍ର, ବିଡିଓ ବନ ବିହାରୀ ଦିଣ୍ଡା, ତହସିଲଦାର ସମରେନ୍ଦ୍ର ଭଞ୍ଜ, ଏନ୍‌ଏସି ଉପାଧ୍ୟକ୍ଷ ଏମ୍.ଡି. ଏସଦାନି କାଦ୍ରି, ଏମ୍‌ପି ପ୍ରତିନିଧି ଜଗଦୀଶ ପାତ୍ରଙ୍କ ସହ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ କାଉନସିଲରମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଘଟଗାଁ,(ଡି.ଏନ୍.ଏ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ତରା ପଞ୍ଚାୟତ ଅନ୍ତର୍ଗତ ନାକଝରି ଗ୍ରାମରେ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଗ୍ରାମର ମଣ୍ଟୁ(୨୫)। ଗ୍ରାମ ନିକଟ ଏକ ଗଛରେ ରଶି ବେକରେ ବାନ୍ଧି ଝୁଲିପଡ଼ିଥିବା ଜଣାପଡ଼ିଛି। ଖବର ପାଇ ଘଟଗାଁ ପୁଲିସ ଏସ୍ଆଇ ତପନ କୁମାର ଜେନା ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମଣ୍ଟୁଙ୍କ ଘରେ ସ୍ତ୍ରୀ ଓ ଏକ ପୁତ୍ର ସନ୍ତାନ ଥିବା ଜଣାଯାଇଛି।

## ସଂକ୍ଷେପରେ

### ରେଳଧାରଣାରେ ପଡ଼ିଲା ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓ

ବୈଶିଙ୍ଗା,୧୦।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଛୁରୁଣୀ ଛକ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ହୋଇ ରେଳଧାରଣା ଉପରେ ପଡ଼ିଥିଲା। ସ୍କର୍ପିଓଟି ବାଲେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାଜପଥରୁ ଛିଟିକି ଯାଇ ନିକଟରେ ଯାଇଥିବା ରୂପ୍ସା-ବାଙ୍ଗିରିପୋଷି ରେଳ ଧାରଣା ଉପରେ ପଡ଼ିଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିକୁ ଠେଲିଠେଲି ରେଳ ଧାରଣାରୁ ତଳକୁ ଓହ୍ଲାଇ ଦେଇଥିଲେ। ଅଳ୍ପ କିଛି ସମୟ ପରେ ସେହି ରେଳ ଧାରଣାରେ ବାରିପଦା- ରୂପ୍ସା ଡିଏମ୍ୟୁ ଟ୍ରେନ ଅତିକ୍ରମ କରିଥିଲା। ସ୍କର୍ପିଓରେ ଥିବା ଚାଳକ ଏବଂ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି।

### ଗ୍ୟାସ୍ ଚୁଲାରୁ ନିଆଁ ଲାଗି ମହିଳା ଗୁରୁତର

ଆନନ୍ଦପୁର,୧୦।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁର ଗ୍ରାମରେ ଅସାବଧାନତା ବସତଃ ଗ୍ୟାସ୍ ଚୁଲାରୁ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି। ଫକୀରପୁର ଗ୍ରାମର ସେକ୍ ରମଜାନଙ୍କ ପତ୍ନୀ ସାଇମନ ରୋଷେଇ କରିବାକୁ ଯାଇ ଗ୍ୟାସ ଚୁଲାରେ ନିଆଁ ଲଗାଇବା ସମୟରେ ହଠାତ ନିଆଁ ସେ ପିନ୍ଧିଥିବା ବସ୍ତ୍ରରେ ଲାଗିଥିଲା। ତାଙ୍କ ଶରୀରର ୯୦ ପ୍ରତିଶତ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

### ମହିଳାଙ୍କ ଗଳିତ ମୃତଦେହ ଜବତ

ନୀଳଗିରି, ୧୦।୪(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ଏନଏସି ଅଧୀନ ୭ ନମ୍ବର ୱାର୍ଡ଼ ଦାସସାହି ନିକଟ ବିଲ ମଝିରେ ଅଜଣା ମହିଳାଙ୍କ ଗଳିତ ମୃତଦେହ ବିଲ ମଝିରୁ ଜବତ କରାଯାଇଛି। ତାଙ୍କର ବୟସ ୪୫ରୁ ୭୦ ମଧ୍ୟରେ ହେବ। ସୋମବାର ପୂର୍ବାହ୍ନରେ ଗାଁରେ କୁକୁର ପଚା ମାଂସ ଧରି ବୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ଖୋଜାଖୋଜି କରିବା ପରେ ବିଲ ମଝିରେ ମୃତଦେହ ଗଳିତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏନେଇ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ନୀଳଗିରି ପୋଲିସ ପହଞ୍ଚି ଅପମୃତ୍ୟୁ ମାମଲା (ନଂ. ୮/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

### ଶିମିଳିପାଳ ସୁରକ୍ଷା ପାଇଁ ଭଞ୍ଜସେନାର ପୂଜାର୍ଚ୍ଚନା

ଗୋପବନ୍ଧୁ ନଗର/ ଉଦଳା,୧୦।୪(ଡି.ଏନ.ଏ.)- ଶିମିଳିପାଳର ସୁରକ୍ଷା, ମୟୂରଭଞ୍ଜକୁ ତା'ର ପୂର୍ବ ମାନ୍ୟତା, ସ୍ୱତନ୍ତ୍ର ମୟୂରଭଞ୍ଜ ରାଜ୍ୟ ଫେରାଇ ଆଣିବା ସହ ପୂର୍ବରୁ ମୟୂରଭଞ୍ଜ ରାଜ୍ୟରେ ଥିବା ତଥା ବର୍ତ୍ତମାନ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରେ ଅତ୍ୟନ୍ତ ଅବହେଳାରେ ଥିବା ଷଢ଼େଇକଳା ଓ ଖରସୁଆଁ ଅଞ୍ଚଳକୁ ପୂନର୍ବାର ମୟୂରଭଞ୍ଜ ସହିତ ସାମିଲ କରିବା ପାଇଁ ଭଞ୍ଜସେନା ଆଦିବାସୀ ସେଲ୍ ପକ୍ଷରୁ ଦାବି କରାଯାଇଛି। ଏନେଇ ସୋମବାର ଖୁଣ୍ଟା ବ୍ଲକ ସ୍ଥିତ ଡୁକୁରା ଦିଶୋମ ଜାହୀରା ପୀଠରେ ନାଇକେ ଦୁଲୁରାମ ମୁର୍ମୁଙ୍କ ଦ୍ୱାରା ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଜିଲା ଆଦିବାସୀ ସେଲ ସଭାପତି ବାଜୁନ ହାଁସଦା, କପ୍ତିପଦା ଉପଖଣ୍ଡର ସଭାପତି ସମ୍ପୂର୍ଣ୍ଣ ହେମ୍ବ୍ରମ, ବିଜୟ ବାସ୍କେ, ସଲମନ ମାରାଣ୍ଡି, ଗୋପୀନାଥ ହେମ୍ବ୍ରମ, ବିଲସେନ ମାରାଣ୍ଡି, କୁଶର୍ଜନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସମସ୍ତେ ପୀଠରେ ଶପଥ ନେଇଥିଲେ। ସେହିପରି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ସୋମବାର କପ୍ତିପଦା ଉପଖଣ୍ଡ କର୍ମକର୍ତ୍ତା ମାନେ ଅନ୍ୟତମ ଶକ୍ତିପୀଠ ଦେବକୁଣ୍ଡସ୍ଥିତ ମା'ଅମ୍ବିକାଙ୍କ ମନ୍ଦିରରେ ପୂଜାର୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତିଙ୍କ ସମେତ ଆଦିବାସୀ ଶାଖା ସାଧାରଣ ସମ୍ପାଦକ ସଞ୍ଜୟ ହାଁସଦା, ଶଙ୍କର ସୋରେନ, ପ୍ରକଶ ଖଣ୍ଡାପାତ୍ର, ଅନାମ ନାୟକ, ଅର୍ଜୁନ ସିଂ, ଗୌରାଙ୍ଗ ଖଣ୍ଡାପାତ୍ର, ଦିଲ୍ଲୀପ ନାୟକ, ଟେଲକୁ ମୁର୍ମୁ, ରାମଚନ୍ଦ୍ର ହେମ୍ବ୍ରମ, ରବି ହେମ୍ବ୍ରମ, ବାଇଧର ସୋରେନ,ଗଜେନ୍ଦ୍ର ମହାନ୍ତି, ସୁଦାମ ପ୍ରଧାନ, ସତ୍ୟନାରାୟଣ ପଟ୍ଟନାୟକ, ତାପସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚାରି ଅର୍ଘ୍ୟରେ ୪୦ହଜାର ଭକ୍ତ

### ଶିବସ୍ତୁତିରେ କମ୍ପୁଛି ଚନ୍ଦନେଶ୍ୱର ଶୈବପୀଠ

ଭୋଗରାଇ, ୧୦।୪(ଡି.ଏନ.ଏ.)



ଭଟ୍ଟପୁର ଗ୍ରାମସ୍ଥିତ 'ମା' କାମିନୀ' ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କମେଳା ଚତୁର୍ଥ ଅର୍ଘ୍ୟରେ ୪୦ହଜାର ଉପବୀତଧାରୀ ଶୈବଭକ୍ତ ଜୀଉଙ୍କ ଠାରେ ଅର୍ଘ୍ୟଦାନ କରିଛନ୍ତି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଅସଂଖ୍ୟ ଶ୍ରଦ୍ଧାଳୁ ଜୀଉଙ୍କ ପୀଠକୁ ଆଗମନ କରିଛନ୍ତି। ଚୈତ୍ର ମାସ ଶେଷ ସୋମବାର ହଜାର ହଜାର ଶ୍ରଦ୍ଧାଳୁ ଚନ୍ଦନେଶ୍ୱର ମହାଦେବଙ୍କ ସମେତ ପ୍ରସିଦ୍ଧ ଶୈବପୀଠ ଭୂଷଣ୍ଡେଶ୍ୱର ଓ ଗ୍ରାମୀଣ ମହାଦେବଙ୍କଠାରେ ଭକ୍ତି ନୈବେଦ୍ୟ ଅର୍ପଣ କରିଛନ୍ତି।

ସୋମବାର ନିଶିବସାନରୁ ହୁଗୁଳି ଗ୍ରାମସ୍ଥ ଜଳଯନ୍ତ୍ର ଦେବତାଙ୍କଠାରେ ଶୈବଭକ୍ତଙ୍କ ପୂଜାର୍ଚ୍ଚନା, ମହାଦେବଙ୍କ ଗର୍ଭଗର୍ଭରେ ଜଳାଭିଷେକ, ପଣ୍ଡା, ସେବାୟତଙ୍କ ଶିବସ୍ତୁତି ମନ୍ତ୍ର ଉଚ୍ଚାରଣ ସହିତ ଭକ୍ତଙ୍କ ଚନ୍ଦନେଶ୍ୱର ମହାଦେବଙ୍କ ହରିବୋଲ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଛି। ମନ୍ଦିର ଚାରିପାଖରେ ସହସ୍ରାଧିକ ମହିଳା ଶୈବଭକ୍ତ ମନସ୍କାମନା ପୂର୍ଣ୍ଣ ନିମନ୍ତେ ୧୨ ଘଣ୍ଟା ନିର୍ଜଳା ଉପବାସ ରହି ଜୀଉଙ୍କୁ ଆରାଧନା କରୁଛନ୍ତି। ଅପରପକ୍ଷରେ ଅପରାହ୍ନରେ ହୁଗୁଳି ଗ୍ରାମ ନିକଟସ୍ଥ ଭଟ୍ଟପୁର ଗ୍ରାମର ମାଳାକାର ଘରେ 'ମା' କାମିନୀ'ଙ୍କୁ ଚନ୍ଦନେଶ୍ୱର ମହାଦେବ ବିବାହ ବନ୍ଧନରେ ବାନ୍ଧି ହେବା ନେଇ ଜୀଉଙ୍କ ଆଜ୍ଞାମାଳ ନେଇ ପାଟଭକ୍ତ ହରିଶ ଚନ୍ଦ୍ର ସାହୁ, ଦେଉଳିଆ ଅଜିତ୍ ପାତ୍ରଙ୍କ ସହ ୧୧ଜଣ ଶ୍ରୀବେକିଡ଼ା, ମୌରସୀ ତପନ ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା, ଟ୍ରଷ୍ଟ ବୋର୍ଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଏବଂ ସେବାୟତମାନେ ମା' କାମିନୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରି କନ୍ୟା ସ୍ୱୀକୃତି କାର୍ଯ୍ୟ ସମାପନ କରି ସନ୍ଧ୍ୟାରେ ମନ୍ଦିର ବିଜେ କରିଛନ୍ତି। ପ୍ରସିଦ୍ଧ ଚଡ଼କ ମେଳା ନିମନ୍ତେ ଜଳେଶ୍ୱର ଚନ୍ଦନେଶ୍ୱର ରାସ୍ତା ନଗୁଆଁ ଛକଠାରେ ପୋଲିସ ଦ୍ୱାରା ଯାନବାହାନ ନିୟନ୍ତ୍ରଣ କରାଯାଉଛି। ଅର୍ଘ୍ୟଦାନ ବେଳେ ବିଧାୟକ ଅନନ୍ତ ଦାସ, ବିଜେଡିର ବରିଷ୍ଠ ନେତା ବିଶ୍ୱଜିତ୍ ଦାସ ଓ ଯୁବନେତା ବିଜୁବେନ୍ଦୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୁପାରୀରେ ଜମି ଦୁର୍ନୀତି ନେଇ ସର୍ବାଧିକ ଅଭିଯୋଗ

ଖଇରା, ୧୦।୪(ଡି.ଏନ.ଏ.)

### ଖଇରାରେ ଜିଲାପାଳ, ଏସ୍‌ପିଙ୍କ ଜନଶୁଣାଣି

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଶିକ୍ଷକ ସଂଘ ଭବନ ପରିସରରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଏସ୍‌ପି ସାଗରିକା ନାଥ ସୋମବାର ୨୦୫ ଅଭିଯୋଗର ଶୁଣାଣି କରିଛନ୍ତି । କୁପାରୀ ରାଜସ୍ୱ କ୍ଷେତ୍ର କୁପାରୀ ମୌଜାରେ କେତେକ ଅଧିକାରୀ ରାଜସ୍ୱ ଅଧିକାରୀଙ୍କୁ ହାତ କରି କୁପାରୀ ଶାରୀଶୁଆ, ବାଉଁଶଗଡିଆ-ବଗେଇପୁର ରାସ୍ତାପାର୍ଶ୍ୱ, କୁପାରୀ ମହାବିଦ୍ୟାଳୟ ହତା ମଧ୍ୟଭାଗ, ପଥରଚଟାଣ ଭଳି ବହୁ ମୂଲ୍ୟ ସରକାରୀ ଜମିକୁ ସ୍ତ୍ରୀ, ଶାଶୁ ଓ ଅନ୍ୟାନ୍ୟ ସମ୍ପର୍କୀୟଙ୍କ ନାମରେ କରାଇ ନେଇଥିବା କୁପାରୀ ଗ୍ରାମର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହିଭଳି କୁପାରୀ ହାଇସ୍କୁଲ ନାମରେ ଥିବା ୫ ଡିସିମିଲ ଜମି(ଖାତା ନଂ. ୭୬୧/୧୩, ପ୍ଲଟ ନମ୍ବର ୧୦୬୭)କୁ ଚାଷୀ ଓ ରାଜନେତା ପ୍ରଧାନଶିକ୍ଷକଙ୍କୁ ଭୟଭୀତ କରି ନିଜ ଦଖଲରେ ରଖିଥିବା ଜମିକୁ ମୁକୁଳାଇବାକୁ ପୂର୍ବତନ କମିଟି ସଭାପତି ଗଜେନ୍ଦ୍ର ପ୍ରସାଦ ଦାସ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଶହୀଦ ସ୍ମୃତି ପୀଠ ତୁଡିଗଡିଆ ବଜାରରେ ଜନଗହଳି ତଥା ଖଇରା ଓ ସୋର ଥାନାର ଦୂରତ୍ୱକୁ ବିଚାରକୁ ନେଇ ଏକ ଥାନା କିମ୍ବା ଫାଣ୍ଡି ପ୍ରତିଷ୍ଠା ପାଇଁ ଶହୀଦ ସ୍ମୃତି କମିଟି ତରଫରୁ ଦାବି କରାଯାଇଥିଲା। ସେହିଭଳି ଖଇରା ଜନଜାଗରଣ ମଞ୍ଚ ସଭାପତି ଉମେଶ ଚନ୍ଦ୍ର ନାୟକ, ସମ୍ପାଦକ ନିରଞ୍ଜନ ବେହେରା ଏବଂ ସଦସ୍ୟମାନେ ବାରମ୍ବାର ଦାବି ପରେ ମଧ ବିଶ୍ରାମଗାର ନିର୍ମାଣ କରାଯାଉ ନ ଥିବା ଅଭିଯୋଗ ଆଣିବା ପରେ ଜିଲାପାଳ ନିଜସ୍ୱ ଉଦ୍ୟମରେ ଏହା କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାଛଡା ଅଡା ହାଇସ୍କୁଲରେ ୫-ଟି ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନୁଦାନରେ ସ୍କୁଲ ଗୃହ ଏବଂ ପାଚେରି ନିର୍ମାଣରେ ଅନିୟମିତତା ହେଉଥିବା ନେଇ ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ କୁମାର ଦାସ, ଧନେଶ୍ୱର ବେହେରା, କୈଳାସ ବେହେରା ପ୍ରମୁଖ ଏସ୍‌ପିଙ୍କ ହସ୍ତକ୍ଷେପ ଦାବି କରିଥିଲେ। ଖଇରା ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ପ୍ରଶାନ୍ତ କୁମାର ମହାରଣା, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଜିଲା ପ୍ରକଳ୍ପ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଦୁଲାଲସେନ ଜଗଦେବ ପ୍ରମୁଖ ସହଯୋଗ କରିଥିଲେ।

# ୧୨ରେ ନଦୀ ଉତ୍ସବ

ବାରିପଦା ଅଫିସ,୧୦।୪

କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ 'ନଦୀ ଉତ୍ସବ-୨୦୨୩' ଆସନ୍ତା ୧୨ତାରିଖରେ ସମାପନ ହେବ। ଉଦ୍‌ଯାପନୀ ଉତ୍ସବ ମୟୂରଭଞ୍ଜ ଜିଲା ବାରିପଦା ମଧୁବନ ଷ୍ଟାଡିୟମ ପରିସରରେ ହେବ ବୋଲି ବିଭାଗ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ଜଳ ଆୟୋଗ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, କେନ୍ଦ୍ରୀୟ ବିକାଶ ସଂସ୍ଥା ଓ ଜାତୀୟ ଜଳ ମିଶନ ଦ୍ୱାରା ହେବାକୁ ଥିବା ଉତ୍ସବରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥି ଓ ବିଭିନ୍ନ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ସଂସ୍କୃତିରେ ନଦୀର ମହତ୍ତ୍ୱ, ଜଳର ସଂରକ୍ଷଣ, ବର୍ଷା ଜଳର ଉଚିତ୍ ବ୍ୟବହାର, ଭୂତଳ ଜଳର ବ୍ୟବହାର ଓ ନଦୀ ସଂଯୋଗୀକରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ। ଜଳର ବ୍ୟବହାର ଓ ଉପଯୋଗିତାକୁ ନେଇ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେବେ ବୋଲି ବିଭାଗ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରାଯାଇଛି।

# ମୋରଡ଼ା ବ୍ଲକରେ ପାଣି ସମସ୍ୟା



ବିଡିଓଙ୍କୁ ଭେଟିବାକୁ ଆସିଥିବା ଗ୍ରାମର ମହିଳାମାନେ।

ମୋରଡ଼ା,୧୦।୪(ଡି.ଏନ୍.ଏ.)

### ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ପିଇବା ପାଣି ସମସ୍ୟା ଦେଖାଦେଇଛି। ପାଣି ସମସ୍ୟାକୁ ଦୂର କରିବା ପାଇଁ ଗ୍ରାମବାସୀ ସୋମବାର ମୋରଡା ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଏହି ବ୍ଲକ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର କାଳିଆନାଳ ଗ୍ରାମ ଦେହୁରୀ ସାହିରେ ଜଳ ସଙ୍କଟ ଦେଖାଦେଇଛି। ଉକ୍ତ ସାହିରେ ପିଇବା ପାଇଁ ପାଣି ମିଳୁ ନ ଥିବା ବେଳେ ପୂର୍ବରୁ ଥିବା ଏକମାତ୍ର ସୌରଚଳିତ ପାଣିପମ୍ପ ଖରାପ ହୋଇପଡ଼ିଛି। ଉକ୍ତ ସମସ୍ୟା ପ୍ରତି ପ୍ରଶାସନର ନଜର ନ ଥିବାରୁ ପାଣି ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଏହାର ପ୍ରତିବାଦରେ ଗ୍ରାମବାସୀ ବିଡିଓଙ୍କୁ ସାକ୍ଷାତ କରିବା ସହିତ ପାଣି ସମସ୍ୟାକୁ ଯଥାଶୀଘ୍ର ଦୂର କରିବାକୁ ନିବେଦନ କରିଛନ୍ତି। ଉକ୍ତ ସାହିରେ ଏକ ନଳକୂପ ଖନନ ସହିତ ଖରାପ ହୋଇ ପଡ଼ିଥିବା ସୌର ଚଳିତ ପାଣିପମ୍ପକୁ କାର୍ଯ୍ୟକ୍ଷମ କରାଇଲେ ପାଣି ସମସ୍ୟା ଦୂର ହେବ ବୋଲି ଗ୍ରାମର ଦ୍ରୌପଦୀ ମହାନ୍ତ, କଟିଆ ଦେହୁରୀ,ବୁଧେଶ୍ୱର ଦେହୁରୀ, କୃଷ୍ଣ ଦେହୁରୀ,ସ୍ୱପ୍ନା ଦେହୁରୀ,ଗୀତା ଦେହୁରୀ,ରତ୍ନାକର ଦେହୁରୀ ଏବଂ ଅନ୍ୟ ଗ୍ରାମବାସୀମାନେ କହିଛନ୍ତି। ଏନେଇ ବିଡିଓ ସାଗର ପାଲୋଙ୍କୁ ପଚାରିବାରୁ ଖରାଦିନକୁ ଆଖି ଆଗରେ ରଖି ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତର ଗାଁ ଗୁଡ଼ିକରେ ପାନୀୟ ଜଳ ସମସ୍ୟା ସମାଧାନ କରାଯାଉଛି। ଉକ୍ତ ସାହିରେ ଥିବା ପାଣି ସମସ୍ୟା ଦୁଇରୁ ତିନି ଦିନ ମଧ୍ୟରେ ସମାଧାନ ହେବ ବୋଲି ସେ କହିଛନ୍ତି ।

# ଜେସିବି ଲଗାଇ ଭାଙ୍ଗିଦେଲେ ପାଚେରି

ପଦ୍ମପୁର, ୧୦।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପଞ୍ଚାୟତ ବ୍ରଜାନନ୍ଦପୁର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ବଂଶୀଧର ନାୟକଙ୍କ ଘର ପାଚେରିକୁ ଜେସିବି ଲଗାଇ ରବିବାର ରାତିରେ ଭାଙ୍ଗି ଦିଆଯାଇଛି। ଏନେଇ ବଂଶୀଧର ନାୟକାଣିଡିହୀ ଥାନାରେ ଅଭିଯାଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବଂଶୀଧର ୧୦ବର୍ଷ ହେଲା ତାଙ୍କ ବ୍ୟକ୍ତିଗତ ଜାଗାରେ ଘର ନିର୍ମାଣ କରି ରହିବା ସହ ଚାରିପଟେ ପାଚେରି ତିଆରି କରିଥିଲେ। ଅପରପକ୍ଷ ବିଭିନ୍ନ ସମୟରେ ତାଙ୍କ ପାଚେରି ଭାଙ୍ଗିଦେବା ପାଇଁ ଧମକ ଦେଇ ଆସୁଥିଲେ। କୌଣସି କାରଣରୁ ତାଙ୍କର ଅପରପକ୍ଷ ସହ ବଚସା ହେବା ପରେ ସଂଘବଦ୍ଧ ହୋଇ ତାଙ୍କ ପାଚେରିକୁ ଭାଙ୍ଗି ଦେଇଛନ୍ତି।

# ୪ ପଞ୍ଚାୟତର ଗୋପାଳଙ୍କ ଜଳଲାଗି ନିଷ୍ପତ୍ତିକୁ ବିରୋଧ

ଭଦ୍ରକ ଅଫିସ,୧୦।୪(ସ୍ୱ.ପ୍ର.)

### ଆରଡ଼ି ଆଖଣ୍ଡଳମଣି ପୀଠ

### ଉପଜିଲାପାଳଙ୍କୁ ଯାଦବ ମହାସଭାର ଦାବିପତ୍ର

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଚଳିତବର୍ଷ ବୈଶାଖ ମାସରେ ଗୋପାଳମାନଙ୍କ ଦ୍ୱାରା ଜଳଲାଗି ଅଭିଷେକ ପ୍ରକ୍ରିୟା ନିମନ୍ତେ ମନ୍ଦିର ପ୍ରଶାସନ ଦ୍ୱାରା ସମୟ ନିର୍ଘଣ୍ଟ ସହ କେବଳ ୪ଟି ନିର୍ଦ୍ଦିଷ୍ଟ ପଞ୍ଚାୟତକୁ ଅନୁମତି ମିଳିଛି। ଏହାକୁ ବିରୋଧ କରିଛି ଜିଲା ଯାଦବ ମହାସଭା। ଏନେଇ ଯାଦବ ମହାସଭା ପକ୍ଷରୁ ମନ୍ଦିର ପ୍ରଶାସନ ତଥା ଉପଜିଲାପାଳ ମନୋଜ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ପୂର୍ବ ପୁରୁଷରୁ ପରମ୍ପରା ରହିଆସିଛି ଯେ ଗୋପାଳମାନେ ପ୍ରତିବର୍ଷ ବୈଶାଖ ମାସ ସୋମବାର ଆଖଣ୍ଡଳମଣି ପୀଠରେ ପାଣି ଢାଳନ୍ତି। ଚଳିତବର୍ଷ କେବଳ ଆରଡ଼ିର ସ୍ଥାନୀୟ ୪ ପଞ୍ଚାୟତର ଗୋପାଳମାନେ ଜଳଲାଗି କରିବେ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅସନ୍ତୋଷ ପ୍ରକାଶ କରି ୨୦ ପଞ୍ଚାୟତରୁ ଯାଦବ ସଂଘ ସଦସ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ମନ୍ଦିର ପ୍ରଶାସନ ଓ ଯାଦବ ମହାସଂଘ ମଧ୍ୟରେ ଏକ ବୈଠକ ମଙ୍ଗଳବାର ଅପରାହ୍ନ ୩ଟାରେ ଆରଡ଼ିଠାରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ମହାସଭା ସଭାପତି ସୁଧାଂଶୁ ନାୟକ, ସମ୍ପାଦକ ଦିଲୀପ ନାୟକ, ଯୁବ ସଭାପତି ରବିନାରାୟଣ ଖିଲାର, ରାଜ୍ୟ ଯୁବ ସମ୍ପାଦକ ଅମର ନାୟକ, ପ୍ରାକ୍ତନ ଜିଲା ସଭାପତି ଅମର ବାରିକ, ଧାମନଗର ବ୍ଲକ କାର୍ଯ୍ୟକାରୀ ସଭାପତି ଅନିଲ ବାରିକ, ତିହିଡ଼ି ଯୁବ ସମ୍ପାଦକ ପ୍ରତାପ ମହାକୁଡ଼, ଯୁବ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାକୁଡ଼, ଆଇନଜୀବୀ ସନ୍ତୋଷ ମହାକୁଡ଼ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ଶଟର ଭାଙ୍ଗି ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମୋବାଇଲ ଲୁଟ୍

କୋଡ଼ପଡ଼ା,୧୦।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଶାଳପଡ଼ା ଓଭର ବ୍ରିଜ୍ ପାର୍ଶ୍ୱରୁ ଏକ ମୋବାଇଲ ଦୋକାନର ଶଟର ଭାଙ୍ଗି ଦୁର୍ବୃତ୍ତ ୩୫ ଲକ୍ଷ ଟଙ୍କା ମୋବାଇଲ ନେଇଯାଇଛନ୍ତି। ଘଟଣାକୁ ନେଇ ଦୋକାନ ମାଲିକ ଘସିପୁରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଆନନ୍ଦପୁରର ବାସିନ୍ଦା ମନୋଜ ସାହୁ ଓଭର ବ୍ରିଜ୍ ପାର୍ଶ୍ୱରେ ଏକ ମାର୍କେଟ କମ୍ପ୍ଲେକ୍ସର ପ୍ରଥମ ମହଲାରେ ମୋବାଇଲ ବଜାର ନାମକ ଏକ ଦୋକାନ କରିଛନ୍ତି। ଶନିବାର ରାତିରେ ଦୁର୍ବୃତ୍ତମାନେ ଦୋକାନର ଶଟର ଭାଙ୍ଗି ବିଭିନ୍ନ କମ୍ପାନୀ ଦାମୀ ମୋବାଇଲ ଲୁଟି ନେଇଛନ୍ତି। ଘସିପୁରା ଥାନାରେ (ନଂ.୧୧୭/୨୩)ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିକ୍ରମ କୁମାର ଭୁୟାଁ କହିଛନ୍ତି।

# ମୌଳିକ ଶକ୍ତିର ଏକତ୍ରୀକରଣ ଆଲୋଚନାଚକ୍ର

**ବାଲେଶ୍ୱର ଅଫିସ, ୧୦।୪:** ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୌତିକ ବିଜ୍ଞାନ ବିଭାଗ ଏବଂ ଡକ୍ଟର ରବୀନ୍ଦ୍ରମୋହନ ଦାସ ଫାଉଣ୍ଡେସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ କକ୍ଷରେ ମୌଳିକ ଶକ୍ତିର ଏକତ୍ରୀକରଣ ପ୍ରସଙ୍ଗ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଭୌତିକ ବିଜ୍ଞାନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ପ୍ରଫେସର ଜ୍ଞାନଦେବ ମହାରଣା, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେସ ଚନ୍ଦ୍ର ଅଧିକାରୀ, ରବୀନ୍ଦ୍ର ଦାସ ଫାଉଣ୍ଡେସନର ମୁଖ୍ୟ ଯଶୋଧାରା ଦାସ ଏବଂ କାର୍ଯ୍ୟକ୍ରମ ସଂଯୋଜକ ଡ. ସନ୍ତୋଷ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ପ୍ରଫେସର ମହାରଣା ଏକ ପ୍ରକଳ୍ପ ସର୍ବସମ୍ମୁଖରେ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ବିବେକାନନ୍ଦ ନାୟକ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଧାରଣା

ଭଦ୍ରକ ଅଫିସ, ୧୦।୪

ବିଭିନ୍ନ ଦାବି ନେଇ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଭଦ୍ରକ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ମାସକୁ ୧୫୦୦ ଟଙ୍କା ମେଡିକାଲ ସହାୟତା, ୮୦ ବର୍ଷ ପରିବର୍ତ୍ତେ ୬୫ବର୍ଷ ବୟସରୁ ଆନୁପାତିକ ପେନ୍‌ସନ ବୃଦ୍ଧି, ବସ୍ ଭଡ଼ାରେ ୫୦ ପ୍ରତିଶତ ରିହାତି ଆଦି ଦାବି ରହିଛି। ସଂଘର କାର୍ଯ୍ୟକାରୀ ସଭାପତି ପଦ୍ମନାଭ ପାଢ଼ୀ ଓ ସାଧାରଣ ସମ୍ପାଦକ ପ୍ରଭାକର ମଲିକଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିବା ବେଳେ ମୁକ୍ତିକାନ୍ତ ମହାପାତ୍ର, ଯୁଧିଷ୍ଠିର ବାରିକ, ରାଧାରାଣୀ ମହାପାତ୍ର, ରଜନୀକାନ୍ତ ମହାନ୍ତି, ଅଜିତ୍ କୁମାର ନାୟକ, ହରେକୃଷ୍ଣ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ଦଳାଇଙ୍କ ସମେତ ଜିଲାର ଅବସରପ୍ରାପ୍ତ କର୍ମଚାରୀମାନେ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ସଂଘ ପକ୍ଷରୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।



ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କଳା ତାଲିକାଭୁକ୍ତ ସଂସ୍ଥାକୁ ସଫେଇ କାର୍ଯ୍ୟାଦେଶ

କେନ୍ଦୁଝର,୧୦।୪(ସ୍ୱ.ପ୍ର.)

### କେନ୍ଦୁଝରଗଡ଼ ପୌରପାଳିକା

- କର୍ମଚାରୀଙ୍କୁ ମିଳୁନି ସର୍ବନିମ୍ନ ମଜୁରି
- ବିନା ସୁରକ୍ଷା ସାମଗ୍ରୀରେ କାର୍ଯ୍ୟ କରୁଛନ୍ତି

କେନ୍ଦୁଝରଗଡ଼ ପୌରପାଳିକାର ସଫେଇ କାମ ଏକ କଳା ତାଲିକାଭୁକ୍ତ ସଂସ୍ଥାକୁ ଦିଆଯାଇଛି। ଉକ୍ତ ସଂସ୍ଥା କର୍ମଚାରୀଙ୍କୁ କମ ଦରମା ଦେଉଥିବା ବେଳେ ସେମାନଙ୍କଠାରୁ କଟାଯାଉଥିବା ଇପିଏଫ ଓ ଇଏସ୍ଆଇ ଆଦି ବାବଦକୁ ଅର୍ଥ ଠିକ୍ ଭାବେ ଜମା କରୁନି। ସଫେଇ କର୍ମଚାରୀଙ୍କ ପ୍ରାପ୍ୟ ହେରଫେର କରୁଥିଲେ ହେଁ ଦୀର୍ଘ ବର୍ଷ ହେଲା କାହିଁକି ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ପ୍ରଶ୍ନ କରିଛନ୍ତି। ଏ ନେଇ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି। ଅଭିଯୋଗ ପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ସଂସ୍ଥା ପୂର୍ବରୁ ଅନ୍ୟ ଜିଲାରେ ସଫେଇ କାମ କରୁଥିବା କର୍ମଚାରୀଙ୍କ ଇପିଏଫ, ଇଏସ୍ଆଇ, ଜିଏସ୍‌ଟି ବାବଦକୁ ଅର୍ଥ ଜମା ନ କରି ଅର୍ଥ ହେରଫେର କରିଥିଲା। ଫଳରେ ବ୍ଲାକ୍ ଲିଷ୍ଟ ହୋଇଛି। ତେବେ ସ୍ଥାନୀୟ ଠିକା ସଂସ୍ଥାକୁ କାମ ନ ଦେଇ କିଭଳି ଏଭଳି ବ୍ଲାକ୍ ଲିଷ୍ଟ ହୋଇଥିବା ସଂସ୍ଥାକୁ କାମ ଦିଆଯାଇଛି ତାହା ତଦନ୍ତ ସାପେକ୍ଷ। ବ୍ୟାପକ ଅର୍ଥ କାରବାର ହେଉଥିବାରୁ ଏଭଳି ଘଟଣାକୁ ଚପାଇ ଦିଆଯାଇ କାର୍ଯ୍ୟାଦେଶ ଦିଆଯାଇଥିବା ଅଭିଯୋଗ ହେଉଛି। ଉକ୍ତ ସଂସ୍ଥା ସଫେଇ କର୍ମଚାରୀମାନଙ୍କୁ ସ୍ୱଳ୍ପ ମଜୁରି ଦେଉଥିବା ବେଳେ ସେମାନଙ୍କଠାରୁ ଇପିଏଫ(ଏମ୍ପ୍ଲଇ ପ୍ରୋଭିଡେଣ୍ଟ ଫଣ୍ଡ), ଇଏସ୍ଆଇ( ଏମ୍ପ୍ଲଇଜ୍ ଷ୍ଟେଟ୍ ଇନ୍ସ୍ୟୁରାନ୍ସ କର୍ପୋରେସନ) ବାବଦକୁ କଟାଯାଉଥିବା ଅର୍ଥର ଠିକ୍ ଭାବେ ଜମା ହେଉ ନ ଥିଲେ ବି ପୌରପ୍ରଶାସନ ଓ ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କାମ ହରାଇବା ଭୟରେ କର୍ମଚାରୀମାନେ ମୁହଁ ଖୋଲି ପାରୁନାହାନ୍ତି। ଏଥିସହ ଉପଯୁକ୍ତ ତଦାରଖ ଅଭାବରୁ ଆଗଭଳି ସଫେଇ ମଧ ଠିକ୍ ଭାବେ ହେଉନାହିଁ। ସହର ସାରା କୁଢ଼କୁଢ଼ ଆବର୍ଜନା ଜମା ହୋଇରହୁଛି। ଫଳରେ ପ୍ରଦୂଷିତ ପରିବେଶ ସୃଷ୍ଟି କରୁଛି। ଅଧ୍ୟକ୍ଷା, କାଉନ୍‌ସିଲରଙ୍କ ଭଳି ଲୋକ ପ୍ରତିନିଧିମାନେ ମଧ କର୍ମଚାରୀମାନଙ୍କ ସମସ୍ୟାକୁ ଅଣଦେଖା କରିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଉଛି। ପ୍ରତ୍ୟେକ କର୍ମଚାରୀଙ୍କଠାରୁ ମାସିକ ଏକ ହଜାରରୁ ଦେଢ଼ ହଜାର ପର୍ଯ୍ୟନ୍ତ ଝାଳବୁହା ଟଙ୍କା ହଡ଼ପ ହେଉଥିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ବିଧାୟକ ଦାବି କରିଛନ୍ତି।

ସେହିପରି ପୌରାଞ୍ଚଳରେ କାମ କରୁଥିବା ସଫେଇ କର୍ମଚାରୀଙ୍କୁ ହାତ ଗ୍ଲୋଭସ, ମାସ୍କ, ଜୋତା ମିଳୁନାହିଁ। ଜିଲା ମୁଖ୍ୟାଳୟରେ ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ଭଳି ବରିଷ୍ଠ ପଦାଧିକାରୀମାନେ ଯାତାୟାତ କରି ଦେଖୁଥିଲେ ହେଁ ସଫେଇ କର୍ମଚାରୀଙ୍କ ପ୍ରତି ଦୟା ମନୋଭାବ ପ୍ରଦର୍ଶନ କରୁ ନ ଥିବା ଅତ୍ୟନ୍ତ ଦୁଃଖଦ ବିଷୟ ବୋଲି ସାମାଜିକ କର୍ମୀ ଦିଲ୍ଲୀପ ସାହୁ କହିଛନ୍ତି। ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଧିମନ ଚକମା (ଆଇଏଏସ) କହିଛନ୍ତି, ଏ ନେଇ ସେ ତଦନ୍ତ କରି ପଦକ୍ଷେପ ନେବେ ।



ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀ।

## ରାଇବଣିଆ ଦୁର୍ଗ ପରିଦର୍ଶନ କଲେ କଂଗ୍ରେସ ନେତା

ରାଇବଣିଆ: ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଦୁର୍ଗକୁ ପରିଦର୍ଶନ କରିଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କଂଗ୍ରେସ ନେତା ବିଜୟ ପଟ୍ଟନାୟକ। ଏହାର ରକ୍ଷଣାବେକ୍ଷଣ ହେଲେ ବିକାଶ ହୋଇପାରିବ ବୋଲି ସେ କହିଥିଲେ। ତାଙ୍କ ସହିତ କଂଗ୍ରେସ ବ୍ଲକ ସଭାପତି ରାଜୀବ ପରିଡ଼ା, କଂଗେସ ରାଜ୍ୟ ମୁଖ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଆଶିଷ ଘୋଷ, ନୃସିଂହ ଜେନା, ଗୌରାଙ୍ଗ ମହାପାତ୍ର, ଶିବ ପ୍ରସାଦ ବେହେରା, ରବୀନ୍ଦ୍ର ବିଶ୍ୱାଳ, ଶୁଶାନ୍ତ ସେଠୀ, ଖଗେନ୍ଦ୍ର ସାମଲ ଓ ସୋଭିକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଗଣଧାରଣା, ସ୍ଥାନ : ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ବାଲେଶ୍ୱର ଡିଭିଜନ୍-୧, ସମୟ: ପୂର୍ବାହ୍ନ ୭ଟା।

## ଗୋପୀମୋହନପୁରରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଜଳେଶ୍ୱର, ୧୦।୪(ଡି.ଏନ୍.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଗୋପୀମୋହନପୁର ପଞ୍ଚାୟତ ସରସୀଦା ଗ୍ରାମରେ ସରସୀଦା ପ୍ରିମିୟର ଲିଗ ସିଜିନ୍-୨ ସୋମବାର ଉଦ୍‌ଘଟିତ ହୋଇଛି। ଜଳେଶ୍ୱର ବ୍ଲକର ପୂର୍ବତନ ଉପାଧକ୍ଷ ବ୍ରଜମୋହନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ସରସୀଦା ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମୂଲ୍ୟ ସେନାପତି, ମନୋରଞ୍ଜନ ଦତ୍ତ, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଖେଳ ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ସରସୀଦା ଇଣ୍ଡିଆନ୍ସ୍, ସରସୀଦା ରୟାଲ ୟାରିଅରସ୍, ସରସୀଦା ସୁପର କିଙ୍ଗସ୍, ସରସୀଦା ଷ୍ଟାର ଇଲେଭେନ୍ ଭାଗ ନେଇଛନ୍ତି। ଏଥିରେ ବିଜେତା ଦଳକୁ ପୁରସ୍କୃତ କରାଯିବ ବୋଲି କୁହାଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ନୀଳଗିରି, ୧୦।୪ (ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ଏନଏସି ଅଧୀନ ୯ନଂ. ୱାର୍ଡ କାହାଲିଆ ଗ୍ରାମରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସିତେଶ ବିଶ୍ୱାଳ (୩୦) ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ନିଜ ଘରେ ଏଲଇଡି ବୋର୍ଡ ମରାମତି କରୁଥିବା ବେଳେ ସଂସ୍ପର୍ଶରେ ଆସି ଚିତ୍କାର କରି ତଳେ ପଡ଼ିଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ସଙ୍ଗେ ସଙ୍ଗେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ୬ବର୍ଷର ପୁଅ, ସ୍ତ୍ରୀ, ବାପା, ମା' ଓ ଭାଇ ଅଛନ୍ତି। ନୀଳଗିରି ଉପଖଣ୍ଡ ଡାକ୍ତରଖାନାର ବ୍ୟବଚ୍ଛେଦ ଗୃହରେ ମୃତଦେହ ସଂରକ୍ଷିତ ରଖିବା ପାଇଁ ଫ୍ରିଜ ଖରାପ ଥିବାରୁ ରାତି ୮ଟାରେ ମେଡିକାଲ ଓ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଉତ୍ତେଜନା ଦେଖାଦେଇଥିଲା। ଏଥିପ୍ରତି ଜିଲାପାଳ, ସିଡିଏମଓ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ନନ୍ଦୁରରେ ସମିତି ଗଠନକୁ ନେଇ ପ୍ରସ୍ତୁତି ବୈଠକ

ଖଇରା, ୧୦।୪(ଡି.ଏନ.ଏ.)-ପ୍ରତ୍ୟେକ ପଞ୍ଚାୟତରେ ନୂତନ ସେବା ସମବାୟ ସମିତି ସ୍ଥାପନା ନେଇ ସରକାରୀ ଘୋଷଣା ପରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ପଞ୍ଚାୟତବାସୀ ଉତ୍ସାହିତ ହୋଇପଡିଛନ୍ତି। ରବିବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣନାଥ ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସରପଞ୍ଚ ଜୟନ୍ତୀ ପତି, ସମିତିସଭ୍ୟା ଦମୟନ୍ତୀ ସିଂ, ମହେନ୍ଦ୍ର ନାୟକ, ଜୟକୃଷ୍ଣ ପରିଡା, ଟିକନ ମହାନ୍ତି, ଶରତ ବେହେରା, ରଞ୍ଜନ ମହାପାତ୍ର, ରବୀନ୍ଦ୍ର ବେହେରା, ଆଇନଜୀବୀ ପ୍ରହ୍ଲାଦ ପତିଙ୍କ ସମେତ ବିଭିନ୍ନ ଗ୍ରାମରୁ ୧୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ ଉକ୍ତ ପଞ୍ଚାୟତ ମିର୍ଜାପୁର କୁରୁଣ୍ଟା ଓ ଗୋବିନ୍ଦପୁର ସେବା ସମବାୟ ସମିତି ଅଧୀନରେ ଥିଲା।

# ଗାଈକୁ ଆକ୍ରମଣ କଲା ବାଘ

ଘଟଗାଁ,୧୦।୪(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ଚରିବାକୁ ଯାଇଥିବା ଏକ ଗାଈକୁ ବାଘ ଆକ୍ରମଣ କରି କ୍ଷତାକ୍ତ କରିଛି। ଖବରପାଇ ରେଞ୍ଜ ଅଫିସର ପହଞ୍ଚି ଗାଈର ଚିକିତ୍ସା ବ୍ୟବସ୍ଥା କରିବା ସହ ତଦନ୍ତ କରୁଥିବା କହିଛନ୍ତି।

ସୂଚନା ଅନୁଯାୟୀ, ୨୦ନଂ. ଜାତୀୟ ରାଜପଥକୁ ଲାଗିଥିବା ଉପରଡ଼ିହା ଗ୍ରାମ ଅନ୍ତର୍ଗତ ବନ୍ଧସାହିର ଶିରପାଣୀ ଲିଆଙ୍ଗିଙ୍କ ଗାଈ ସୋମବାର ଜଙ୍ଗଲକୁ ଚରିବାକୁ ଯାଇଥିଲା। ସନ୍ଧ୍ୟାରେ



କ୍ଷତାକ୍ତ ଗାଈ।

ଗୁରୁତର ହୋଇ ଘରକୁ ଫେରିବା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବାଘ ଆକ୍ରମଣରେ ଗାଈଟିର ପେଟରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ଗାଈର ମାଲିକ ଏ ସଂକ୍ରାନ୍ତରେ ବନବିଭାଗକୁ ଜଣାଇବା ପରେ ଘଟଗାଁ

### ଅଟେଇ ସଂରକ୍ଷିତ ଜଙ୍ଗଲ

ଫରେଷ୍ଟର ଯତିନ୍ଦ୍ର କୁମାର ସାହୁ ଓ ଫରେଷ୍ଟଗାର୍ଡ ଶ୍ରବଣ ପାତ୍ର ଘଟଣାସ୍ଥଳକୁ ଯାଇ ତୁରନ୍ତ ଗାଈର ଚିକିତ୍ସା ବ୍ୟବସ୍ଥା କରିଥିଲେ। ତେବେ ଏହା ବାଘ ଆକ୍ରମଣ କି ନୁହେଁ ତାହା ବନବିଭାଗ ସ୍ପଷ୍ଟ କରିନାହିଁ। ବାଘ ମୁଣ୍ଡକୁ ଆକ୍ରମଣ କରିଥାଏ। ମାତ୍ର ଏ କ୍ଷେତ୍ରରେ ପେଟକୁ ଆକ୍ରମଣ କରାଯାଇଛି। ମଙ୍ଗଳବାର ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ ପରେ ଏହା ସ୍ପଷ୍ଟ ହେବ ବୋଲି ଘଟଗାଁ ରେଞ୍ଜ ଅଫିସର ପ୍ରଭାତ କୁମାର କୁଅଁର କହିଛନ୍ତି।

## ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ ନେଇ ମାମଲା

ଭଦ୍ରକ ଅଫିସ, ୧୦।୪

ଭଦ୍ରକଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ଗଣିଜାଙ୍ଗ ଗ୍ରାମରେ ଆର୍‌ଟିଆଇ (ସୂଚନା ଅଧିକାର) କର୍ମୀ ସତ୍ୟଶ୍ରୀ ଜ୍ୟୋତିପ୍ରକାଶ ରାଉତଙ୍କୁ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୨୧୯/୨୩) ରୁଜୁ କରାଯାଇଛି। ଜ୍ୟୋତିପ୍ରକାଶ ଅଭିଯୋଗ କରିଛନ୍ତି ଯେ, ଗଣିଜାଙ୍ଗ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେତେଜଣ ଅଯୋଗ୍ୟ ହିତାଧିକାରୀଙ୍କ ନାମ କଟିଥିବା ନେଇ ଅଭିଯୁକ୍ତମାନେ ତାଙ୍କୁ ପୂର୍ବରୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ରବିବାର ଦିନ ପ୍ରାୟ ୧୨ଟା ୩୦ ବେଳେ ଗଣିଜାଙ୍ଗ ବଜାରର ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଉକ୍ତ ଗ୍ରାମର ଦୁଇଜଣ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଛନ୍ତି।

## ଲକ୍ଷ୍ମୀନାରାୟଣଙ୍କ ଚଇତି ମହୋତ୍ସବ ଉଦ୍‌ଯାପିତ



ଚଇତି ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ବାହାନଗା,୧୦।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ମାଝିସାହିରେ ଅନୁଷ୍ଠିତ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ୧୦୧ତମ ଚଇତି ପର୍ବ ରବିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗଦେଇ ଚଇତି ପର୍ବର ଉଦ୍ଦେଶ୍ୟ କହିବା ସହ ସେ ନିଜେ କୈବର୍ତ୍ତ୍ୟ ସମ୍ପ୍ରଦାୟର ହୋଇଥିବାରୁ କୈବର୍ତ୍ତ୍ୟମାନଙ୍କର ଉନ୍ନତି ନିମନ୍ତେ ଯାହା ଅବଶ୍ୟକ ସେ ତାହା ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଘୋଡା ନଚାଳିମାନେ ଆସି ସେମାନଙ୍କର କଳା ପାରଦର୍ଶିତା ଦେଖାଇଥିଲେ। ସୋର ବିଧାୟକଙ୍କୁ ଗ୍ରାମବାସୀ ଓ ଚଇତି ମହୋତ୍ସବ କମିଟି ପକ୍ଷରୁ ଘୋଡା ନାଚ ଆଦି କରି ଶୋଭାଯାତ୍ରାରେ ପୂଜାମଣ୍ଡପ ନିକଟକୁ ଓ ସେଠାରୁ ମହୋତ୍ସବର ସଭାସ୍ଥଳକୁ ପାଛୋଟି ନେଇଥିଲେ। ମହୋତ୍ସବ କମିଟି ସଭାପତି ରାମଚନ୍ଦ୍ର ମାଝି ସଭାରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ପଞ୍ଚୁବିଷା ମତ୍ସ୍ୟଜୀବୀ ସଂଘ ସଭାପତି କାଶିନାଥ ମାଝି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ କୃତ୍ତିବାସ ଚନ୍ଦ୍ର ବେଜ ଯୋଗଦେଇ ଚଇତି ପର୍ବ ବାବଦରେ ବକ୍ତବ୍ୟ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଅଧିକାରୀ ଲାଲମୋହନ ମାଝି, ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର ଯୋଗ ଦେଇ ଏହି ପର୍ବର ୧୦୧ ତମ ବର୍ଷ ପାଳନ ହୋଇଥିବାରୁ ଗ୍ରାମ ଓ ଏହି ଜାତିକୁ ଅତିଥିମାନେ ଧନ୍ୟବାଦ ଦେଇଥିଲେ। ସଂଯୋଜନା କରିଥିଲେ ଥାଳସଡା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଘନଶ୍ୟାମ ସ।

# ଦଳିତଙ୍କ ସହ ପଂକ୍ତି ଭୋଜନ କଲେ ଏମ୍‌ପି



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସମ୍ପର୍କ ଅଭିଯାନ।

ବାଲେଶ୍ୱର ଅଫିସ, ୧୦।୪

ବାଲେଶ୍ୱର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସାମାଜିକ ନ୍ୟାୟ ସପ୍ତାହ ପାଳନ ଅବସରରେ ଭାସ୍କରଗଞ୍ଜ ସୁଇପର କଲୋନୀଠାରେ ସୋମବାର ସମ୍ପର୍କ ଅଭିଯାନ ସହ ପଂକ୍ତି ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସମାଜର ଦଳିତ ତଥା ପଛୁଆ ବର୍ଗର ବିକାଶ ପାଇଁ ନରେନ୍ଦ୍ର ମୋଦୀ ସରକାର ପ୍ରସ୍ତୁତ କରିଥିବା ଯୋଜନା ସମ୍ପର୍କରେ

### ଭାଜପାର ସାମାଜିକ ନ୍ୟାୟ ସପ୍ତାହ ପାଳନ

ଅବଗତ କରାଇଥିଲେ। ଏଥିସହିତ ପିଲାମାନଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ଯଥାସମ୍ଭବ ସହାୟତା ପ୍ରଦାନ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଥିଲେ। ଏହାପରେ ଏମ୍‌ପି ଷଡ଼ଙ୍ଗୀ ଦଳିତ ପରିବାର ସହିତ ପଂକ୍ତିଭୋଜନ କରିଥିଲେ। ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ପୂର୍ବତନ ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସୁଷମା ବିଶ୍ୱାଳ, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ମମତା ମହାପାତ୍ର, ସିପ୍ରା ମହାପାତ୍ର, ସଂଯୁକ୍ତା ମହାପାତ୍ର, ନଗର ସଭାନେତ୍ରୀ ସୁସ୍ମିତା ପଣ୍ଡା, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପ୍ରଶାନ୍ତି ପଣ୍ଡା, କଳ୍ପଲତା ବେହେରା, ଅନ୍ନପୂର୍ଣ୍ଣା ଚାନ୍ଦ, ଅରୂପ ଜେନା, ରଣଜିତ ପୃଷ୍ଟି, ଟୁନା ବେହେରା, ବାଙ୍ଗୁରୁ ବେହେରା ଓ ଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ ଶଡୁଙ୍କୁ ଆକ୍ରମଣ ଘଟଣାରେ ସାନ ଗିରଫ

ପାଟଣା,୧୦।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଉପାନ୍ତ ଅଞ୍ଚଳ ଦିଗପଶି ଗ୍ରାମରେ ବଡ଼ ଶଡୁଙ୍କୁ ମାରଣାନ୍ତକ ଆକ୍ରମଣ ଘଟଣାରେ ସାନ ଶଡୁ ଗିରଫ ହୋଇଛନ୍ତି। ଗିରଫ ସାନ ଶଡୁ ଜଣକ ହେଉଛନ୍ତି ଦିଗ ପଶି ଗ୍ରାମର ସୁରୟା ପାତ୍ର (୩୫)। ସୂଚନା ଅନୁଯାୟୀ ଗ୍ରାମର ରାଜେଶ ପାତ୍ରଙ୍କ ଝିଅ ଜଶିପୁର ଅଞ୍ଚଳର ଜଣେ ଯୁବକଙ୍କ ସହ ଚାଲି ଯାଇଥିଲେ। ସୁରିୟା ଝିଆରୀଙ୍କୁ ଘରକୁ ଫେରାଇ ଆଣିବାରୁ ଉଭୟ ଶଡୁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସୁରିୟା ଉତ୍‌କ୍ଷିପ୍ତ ହୋଇ ଗତ ମାର୍ଚ୍ଚ ୨୯ ତାରିଖରେ ରାଜେଶଙ୍କୁ କାଟୁରିରେ ଆକ୍ରମଣ କରିଥିଲେ। ରାଜେଶ କଟକ ବଡ଼ ମେଡିକାଲରେ ଚିକିତ୍ସା ପରେ ସୁସ୍ଥ ହୋଇ ଫେରିବା ପରେ ଏନେଇ ପାଟଣା ଥାନାରେ ଗତ ଗୁରୁବାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପାଟଣା ପୋଲିସ (ନଂ. ୫୭/୨୩)ରେ ଏକ ମାମଲା ରୁଜୁ କରି ସୁରିୟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା କହିଛନ୍ତି।

## କାର୍ଯ୍ୟକ୍ଷମ ହେଉନି ପାନୀୟଜଳ ପ୍ରକଳ୍ପ

### ଜନଶୁଣାଣି ଶିବିରରେ ଅଭିଯୋଗ

ତିହିଡ଼ି,୧୦।୪(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳରାମ ବୋନ୍ଦର ଯୋଗଦେଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ହୋଇଥିବା ମୋଟ ୮୭ ଅଭିଯୋଗର ଶୁଣାଣି କରିଥିଲେ। ବାରୋ ପଞ୍ଚାୟତ ଚବିଶପଡ଼ା ଗ୍ରାମରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ସରପଞ୍ଚ ଉଦ୍ଧବ ଚରଣ ନାୟକ ଅଭିଯୋଗ କରିଥିଲେ। ୧ କୋଟି ୩ ଲକ୍ଷ ୪୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ୨୦୧୮ରୁ ଆରମ୍ଭ ହୋଇ ୨୦୧୯ ମାର୍ଚ୍ଚରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ହେଲେ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଅଦ୍ୟାବଧି ପାଣି ଟୋପାଏ ନ ମିଳିବା ପରିତାପର ବିଷୟ ବୋଲି ସରପଞ୍ଚ ଅଭିଯୋଗରେ ଦର୍ଶାଇଛନ୍ତି। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଓ ଭତ୍ତା ସମ୍ପର୍କିତ ଅଧିକ ଅଭିଯୋଗ ହୋଇଥିଲା।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା, ଉପଜିଲାପାଳ ମନୋଜ କୁମାର ପାତ୍ର, ଅତିରିକ୍ତ ଉପଜିଲାପାଳ ଚିତ୍ତରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ତହସିଲଦାର ପ୍ରତୀକ ସାହୁ, ବିଡିଓ ଜ୍ୟୋତିର୍ମୟ କର ଓ ବ୍ଲକ ଅଧକ୍ଷା ଅବନ୍ତୀ ଦାସ ଶିବିରରେ ଯୋଗ ଦେଇଥିଲେ। କୃଷି ବିଭାଗ ସିଡିଓ ମଳୟ ଦ୍ୱାରୀ, ଏଡିଓ ଶ୍ରୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପବନ୍ଧୁ ନଗରରେ ତେଜିଲା ରାଜନୀତି

### ବ୍ଲକ କାର୍ଯ୍ୟାଳୟରେ ହୋମଯଜ୍ଞ ଘଟଣା

ଖୁଣ୍ଟା/ଗୋପବନ୍ଧୁ ନଗର,୧୦।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଶାସକ ବିଜେଡି ପକ୍ଷରୁ ଗତ ୬ ତାରିଖରେ ହୋମଯଜ୍ଞ କରାଯିବା ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ଜିଲା ବ୍ୟାପୀ ଏହି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ବିଜେଡି ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ହୋମଯଜ୍ଞ କରିବା ପାଇଁ ଭାଜପା ପ୍ରସ୍ତୁତି ଚଳାଇଛି। ଏହାକୁ ନେଇ ଅଡୁଆ ପରିସ୍ଥିତିରେ ପଡ଼ିଛି ବ୍ଲକ ପ୍ରଶାସନ। ସରକାରୀ କାର୍ଯ୍ୟାଳୟ ମଧ୍ୟରେ ବିଜେଡି ପକ୍ଷରୁ କରାଯାଇଥିବା ହୋମଯଜ୍ଞ ପରେ ଭାଜପାର ହିନ୍ଦୁ ଜାଗରଣ ସାମ୍ମୁଖ୍ୟ ପକ୍ଷରୁ ସୋମବାର ଅନୁରୂପ ଭାବେ ବ୍ଲକ କାର୍ଯ୍ୟାଳୟ ପରିସରରେ ହୋମଯଜ୍ଞ କରିବା ଲାଗି ଅନୁମତି ପାଇଁ ବିଡିଓଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରାଯାଇଛି। ଭାଜପା ବ୍ଲକ ସଭାପତି ପ୍ରଦୀପ ପୁଥାଲଙ୍କ ନେତୃତ୍ୱରେ ଏକ ଟିମ୍ ବିଡିଓଙ୍କୁ ଆବେଦନ ପତ୍ର ପ୍ରଦାନ କରିଛନ୍ତି।

ଭାଜପା ନେତାଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ କାର୍ଯ୍ୟାଳୟରେ କେବଳ ସରକାରୀ କାର୍ଯ୍ୟକ୍ରମ ହେବା କଥା ସମସ୍ତେ ଜାଣିଛନ୍ତି। ମାତ୍ର ଶାସକ ଦଳର ସମର୍ଥକମାନେ ବ୍ଲକ ଅଞ୍ଚଳବାସୀଙ୍କ ମଙ୍ଗଳ ଉଦ୍ଦେଶ୍ୟ କଥା କହି ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଯଜ୍ଞ ଆୟୋଜନ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠାଇଛନ୍ତି। ତେଣୁ ହିନ୍ଦୁ ଜାଗରଣ ସାମ୍ମୁଖ୍ୟ ମଧ ବ୍ଲକ ଓ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରୁଥିବା ବେଳେ ଆଗାମୀ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଓ ମହାବୀରଙ୍କ ଜନ୍ମ ଦିନ ଅବସରରେ ସଂଗଠନ ପକ୍ଷରୁ ଅନୁରୂପ ଭାବେ ହୋମଯଜ୍ଞ କରାଯିବା ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। କାର୍ଯ୍ୟାଳୟରେ ଗୋପବନ୍ଧୁ ନଗର ବ୍ଲକର ଅତିରିକ୍ତ ଦାୟିତ୍ୱରେ ଥିବା ଖୁଣ୍ଟା ବ୍ଲକ ବିଡିଓ ମାନସ ରଞ୍ଜନ ସାମଲ ଅନୁପସ୍ଥିତ ଥିବା ଯୋଗୁ ଏ ସମ୍ପର୍କୀତ ଆବେଦନ ପତ୍ରଟି ସହକାରୀ ଯନ୍ତ୍ରୀ ବିନୟଜ୍ୟୋତି ଲେଙ୍କାଙ୍କୁ ପ୍ରଦାନ କରାଯାଇଥିବା ଭାଜପା ବ୍ଲକ ସଭାପତି ପୁଥାଲ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ତେବେ ହିନ୍ଦୁ ସାମ୍ମୁଖ୍ୟର ଏହି ଆବେଦନ ସମ୍ପର୍କରେ ସହକାରୀ ଯନ୍ତ୍ରୀଙ୍କୁ ପଚରାଯିବାରୁ ସେ ଏହି ଆବେଦନ ପତ୍ରକୁ ବିଡିଓଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।

## କଲେଜ କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ,୧୦।୪ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ କନିଷ୍ଠ ମହାବିଦ୍ୟାଳୟଠାରେ ନୂତନ ସାଇକେଲ ଷ୍ଟାଣ୍ଡ ସହ ନବନିର୍ମିତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଯାଇଛି। ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ କାର୍ଯ୍ୟାଳୟ ଗୃହକୁ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ଭରତ ଚନ୍ଦ୍ର କରଣଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସାମଲଙ୍କ ସହ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧକ୍ଷା ସୁମତି ସେଠୀ, ଉପାଧକ୍ଷ ପ୍ରଣୀତକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ବର୍ଷାରାଣୀ ଜେନା, ସମିତିସଭ୍ୟ ବିଷ୍ଣୁଚରଣ ଦାସ, ସତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନେତା ଦେବେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସିଟିଜିରେ ନୂତନ ଶିକ୍ଷା ବର୍ଷ ଆରମ୍ଭ

କେନ୍ଦୁଝର,୧୦।୪(ଡି.ଏନ୍.ଏ)

କେନ୍ଦୁଝର ନିଉ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲରେ ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇଛି। ଫାଉଣ୍ଡେସନର ଚେୟାରମ୍ୟାନ୍ ରୋଟାରିୟାନ୍ ଡ. ରାଜେନ୍ଦ୍ର ପଲେଇଙ୍କ ତତ୍ତ୍ୱାବଧାନରେ ନୂତନ ଶିକ୍ଷାବର୍ଷର ଆରମ୍ଭରେ ସମର କୋର୍ସ କଳା, ବିଜ୍ଞାନ ଓ ବାଣିଜ୍ୟ ପିଲାମାନଙ୍କୁ ନେଇ ଏକ ବିଶେଷ ବିଦ୍ୟାରମ୍ଭ ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ସଂକଳ୍ପ କରି ଈଶ୍ୱରଙ୍କ କୃପା ଭିକ୍ଷା କରିଥିଲେ। ପଣ୍ଡିତ ନରେଶ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଭାଇସ ପ୍ରିନ୍ସିପାଲ କୃଷ୍ଣଚନ୍ଦ୍ର ମହାନ୍ତି, ବାଣିଜ୍ୟ ବିଭାଗ ଅଧାପିକା ସୁଶ୍ରୀ ନିକିତା ପଲେଇ ପିଲାମାନଙ୍କୁ ସ୍ୱାଗତ ଜଣାଇଥିଲେ। ସତ୍ୟମ ଦାସ, ଦେବଯାନୀ ଓ ସୁଶୀଲ ସହଯୋଗ କରିଥିଲେ।

## ପିସ୍ତଲ ସହ ମାରଣାସ୍ତ୍ର ଜବତ, ୭ ଗିରଫ

### ଡକାୟତି ଯୋଜନା ପଣ୍ଡ

ଯୋଡ଼ା,୧୦।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଆଜାଦବସ୍ତିଠାରେ ରବିବାର ବିଳମ୍ବିତ ରାତିରେ ଡକାୟତି ଯୋଜନା ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ପଣ୍ଡ କରିଛି। ଘଟଣାସ୍ଥଳରୁ ୭ ଅପରାଧୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ପିସ୍ତଲ, ୫ ଭୁଜାଲି, ଏଟିଏମ କାର୍ଡ ଓ ଅନେକ ଗାଡ଼ିର କାଗଜପତ୍ର ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା ଛେଳିଆନାଳ ଗ୍ରାମର ଗଣେଶ ଗିରି, ଚଢ଼େଇଭୋଳ ଗ୍ରାମର ସେକ ନେସାର, ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଅନ୍ତର୍ଗତ ତଡ଼ାଙ୍ଗଗାଟୁ ଗ୍ରାମର ବଳଭଦ୍ର ଗୋପ, ବାବଲୁ ମୋହନ ଗୋପ, କେନ୍ଦୁଝର ଯୋଡ଼ା ଉଲ୍ଲିହାଟିଂର ଛୋଟୁ ଥାପ୍ପା, ବାଂଶପାଣିର ଦୀପକ ଚାତାର, ଯୋଡ଼ା ମାର୍କେଟର ଆଲୋକ ମହାପାତ୍ର। ସେମାନେ ପୂର୍ବରୁ ଯୋଡ଼ା ବିଛାକୁଣ୍ଡିରେ ବନ୍ଧୁକ ଦେଖାଇ ସ୍କର୍ପିଓ ଓ ଟଙ୍କା ଲୁଟ, ମୁସଲିମ ବସ୍ତିର ଜଣେ ବ୍ୟକ୍ତିଙ୍କ ହାତଗୋଡ଼ ବାନ୍ଧି ସ୍କର୍ପିଓ, ବାମେବାରୀରୁ ଏକ ହାଇୱା ଟ୍ରକ୍, ଚମ୍ପୁଆ ଥାନା ଅଞ୍ଚଳରୁ ଏକ ହାଇୱା, ଏକ କୁକୁଡ଼ା ଗାଡ଼ି, ତୁରୁମୁଙ୍ଗା ପେଟ୍ରୋଲ ପମ୍ପରେ ବନ୍ଧୁକ ଦେଖାଇ ଲୁଟ, ତୁରୁମୁଙ୍ଗାରେ ଜଣଙ୍କୁ ହତ୍ୟା, ରାଜ୍ୟର ବିଭିନ୍ନ ରାଜରାସ୍ତାରେ ଟ୍ରକ୍ ଡ୍ରାଇଭରମାନଙ୍କଠାରୁ ଲୁଟ ସହିତ ବହୁ ଅପରାଧିକ କାର୍ଯ୍ୟରେ ଜଡ଼ିତ ଅଛନ୍ତି। ଅଭିଯୁକ୍ତମାନଙ୍କ ନାମରେ ଯୋଡ଼ା, ଚମ୍ପୁଆ, ବାମେବାରୀ, ତୁରୁମୁଙ୍ଗା, ବାରିଆ, ଘାଗରବେଡ଼ା ପ୍ରଭୃତି ଥାନାରେ ଏକାଧିକ ମାମଲା ରହିଥିବା ଯୋଡ଼ା ଥାନା ଆଇଆଇସି ଜୟନାରାୟଣ ଖଣ୍ଡେଇ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଗଣେଶ ମାଷ୍ଟରମାଇଣ୍ଡ ହୋଇଥିବା ବେଳେ କେନ୍ଦୁଝର, ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ଅଞ୍ଚଳରେ ନିଜର ଗ୍ୟାଙ୍ଗ କରି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଥିଲେ। ଏନେଇ ଯୋଡ଼ା ଥାନାରେ (ନଂ.୧୦୧/୨୩)ରେ ମାମଲା ରୁଜୁ ହୋଇଛି।

# ଶୂନ୍ୟ ମୃତ୍ୟୁ ସପ୍ତାହରେ ୪ ଜୀବନ ଗଲା

ବାରିପଦା ଅଫିସ,୧୦।୪

ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ରୋକିବାକୁ ନେଇ ସପ୍ତାହବ୍ୟାପି ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନରେ ମୟୂରଭଞ୍ଜ ଜିଲା ପରିବହନ ଓ ପୋଲିସ ପ୍ରଶାସନ ଫେଲ ମାରିଛି। ସପ୍ତାହକ ମଧ୍ୟରେ ଜିଲାର ୧୪ଟି ବ୍ଲକ ଅଞ୍ଚଳରେ ୪ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। କଡ଼ା ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ସଡ଼କ ଦୁର୍ଘଟଣାରେ ଶୂନ୍ୟ ମୃତ୍ୟୁ ରୋକିବାରେ ବିଭାଗ ବିଫଳ ହୋଇଛି। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲାରେ ଏପ୍ରିଲ ୧ରୁ ୭ତାରିଖ ପର୍ଯ୍ୟନ୍ତ ଜିଲା ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣା ରୋକିବା ପ୍ରୟାସ ଜାରି ରହିଥିଲା। ସପ୍ତାହକ ମଧ୍ୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗାଡ଼ି ଚାଳକଙ୍କଠାରୁ ମୋଟ ୨୨ଲକ୍ଷ ୯୪ହଜାର ୧୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ଦ୍ରୁତ ଗତିରେ ଗାଡ଼ି ଚାଳନା ନେଇ ୧୭୪ଟି, ବିନା ହେଲମେଟରେ ଗାଡ଼ି ଚାଳନାରେ ୨୧୯ ଓ ପୋଲିସ ପକ୍ଷରୁ ୧୪୧୩ଟି, ଦ୍ରୁତ ଚାଳନାରେ ୧୦୧ଟି, ବିନା ସିଟ ବେଲ୍ଟରେ ପରିବହନ ବିଭାଗ ପକ୍ଷରୁ ୩୯ଟି, ମୋବାଇଲ କଥାବାର୍ତ୍ତାରେ ପରିବହନ ବିଭାଗ ପକ୍ଷରୁ ୯ଟି , ମଦପିଇ ଗାଡ଼ି ଚଳାଇବାରେ ପରିହନ ବିଭାଗ ପକ୍ଷରୁ ୨୦ ଓ ପୋଲିସ ପକ୍ଷରୁ ୧୩ଟି, ଦ୍ରବ୍ୟ ପରିବହନ ଗାଡ଼ିରେ ଯାତ୍ରୀ ପରିବହନକୁ ନେଇ ବିଭାଗ ପକ୍ଷରୁ ୧ଟି, ଓଭରଲୋଡ୍‌କୁ ନେଇ ୩ଟି, ୩ଜଣ ବସି ଗାଡ଼ି ଚଳାଇବାରେ ବିଭାଗ ପକ୍ଷରୁ ୨୩ଟି, ଭୁଲ ରାସ୍ତାରେ ଗାଡ଼ି ଚାଳନାକୁ ନେଇ ୧୬ଟି, ନାବାଳକ ଗାଡ଼ି ଚାଳନାରେ ବିଭାଗ ପକ୍ଷରୁ ୫ଟି ଏବଂ ବିଭିନ୍ନ କାରଣରୁ ୧୧ଟି ଗାଡ଼ିକୁ ଜବତ କରାଯାଇଛି। ୭ଦିନ ମଧ୍ୟରେ ପରିବହନ ବିଭାଗ ପକ୍ଷରୁ ମୋଟ ୫୫୦ଟି ଓ ପୋଲିସ ପକ୍ଷରୁ ୧୪୩୪ଟିକୁ ମିଶାଇ ମୋଟ ୧୯୮୪ଟି ଚାଲାଣ କଟାଯାଇଛି। ଏହି ସବୁ ବାବଦରେ ପରିବହନ ବିଭାଗ ପକ୍ଷରୁ ୭୮ହଜାର ୫୧୦ଟଙ୍କା ଓ କାର୍ଯ୍ୟାଳୟ ଏବଂ ଅନଲାଇନ ଯୋଗେ ୧୦ଲକ୍ଷ ୫୫ହଜାର ଟଙ୍କାକୁ ମିଶାଇ ମୋଟ ୧୧ଲକ୍ଷ ୩୩ହଜାର ୫୧୦ଟଙ୍କା ଏବଂ ପୋଲିସ ପକ୍ଷରୁ ଘଟଣାସ୍ଥଳରୁ ୧୧ଲକ୍ଷ ୬୦ହଜାର ୫ଶହ ଟଙ୍କା ଆଦାୟ କରାଯାଇଛି। ତେବେ ମଦ୍ୟପାନ କରି ଗାଡ଼ି ଚଳାଇବା ବାବଦରେ ୧୦ହଜାର ଜରିମାନା ଓ ନାବାଳକ ଗାଡ଼ି ଚାଳନାରେ ଜରିମାନା ବାବଦରେ ୨୫ହଜାର ପୈଠ କରିବାକୁ ନେଇ ଉଭୟ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି। ତେବେ ଉଭୟ ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି ।

## ଥଇଥାନ ଦାବି କଲେ ବାସହରା ଲୋଧା ସମ୍ପ୍ରଦାୟ ଲୋକେ



ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଲୋଧା ସମ୍ପ୍ରଦାୟ ଲୋକେ।

### ଉପ ଜିଲାପାଳଙ୍କୁ ଭେଟିଲେ

ଉଦଳା,୧୦।୪ (ଡି.ଏନ.ଏ.)

ବନ ବିଭାଗ ପକ୍ଷରୁ ଗତ ୩ତାରିଖରେ ଉଦଳା ଥାନା ଅନ୍ତର୍ଗତ ପାଟଶାଣୀପୁର ପଞ୍ଚାୟତର ଅମ୍ବିକାଦେଇପୁର ଗ୍ରାମ ଜାମପାଣିରେ ଥିବା ଲୋଧା ସମ୍ପ୍ରଦାୟର ୨୮ ଘର ଉଚ୍ଛେଦ କରାଯାଇଥିଲା। ଏହାର ପ୍ରତିବାଦରେ ସୋମବାର ଉକ୍ତ ଗ୍ରାମର ଶତାଧିକ ମହିଳା ପୁରୁଷ, ଯୁବତୀ ଯୁବକ ଓ ଛୋଟ ପିଲା ଉପ ଜିଲାପାଳଙ୍କୁ ଭେଟି ଥଇଥାନ ଦାବି କରିଛନ୍ତି। ଉପ ଜିଲାପାଳ ସୁଶାନ୍ତ କୁମାର ବାରିକ, ଭାରପ୍ରାପ୍ତ ତହସିଲଦାର ପ୍ରିୟରଞ୍ଜନ ଜେନା, ସହକାରୀ ଜିଲାପାଳ ମନୋଜ କୁମାର ସାହୁ ଓ ସମାଜ ମଙ୍ଗଳ ଅଧିକାରୀଙ୍କ ସହ ସେମାନେ ଆଲୋଚନା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଦୀର୍ଘ ଦିନ ହେବ ଶିମିଳିପାଳ ଭିତରେ ବସବାସ କରୁଥିବା ଲୋଧା ସମ୍ପ୍ରଦାୟ ପରିବାରଗୁଡ଼ିକୁ ଉଚ୍ଛେଦ କରିବା ନେଇ ସ୍ଥାନୀୟ ଗ୍ରାମବାସୀ ଦାବିକରି ଆସୁଥିଲେ। ବନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବନ କର୍ମଚାରୀଙ୍କୁ ଗ୍ରାମବାସୀ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ପରେ ବନ ବିଭାଗ ପକ୍ଷରୁ ଲୋଧା ସମ୍ପ୍ରଦାୟର ୨୮ ଘର ଉଚ୍ଛେଦ କରାଯାଇଥିଲା।

